## ସଂକ୍ଷେପରେ

### 'ମୋମୋ ଗେମ୍' ନ ଖେଳିବାକୁ ସଚେତନତା କାର୍ଯ୍ୟକ୍ରମ



**ବାଲିଆ,୭।୯:** 'ମୋମୋ ଗେମ୍'କୁ ନେଇ ଏବେ ସାରା ରାଜ୍ୟରେ ଚାଞ୍ଚଲ୍ୟ ଖେଳିଯାଇଛି। ସରଳ, ନିରୀହ ଜୀବନ ପ୍ରତି ଏହି ଖେ ବିପଦ ସୃଷ୍ଟି କରୁଛି। ତେଣୁ ଏହାଠାରୁ ଦୂରେଇ ରହିବାକୁ ଶ୍ରୀଜଗନ୍ନାଥ କଥା ପ୍ରଚାରକ ବାବା ଦିବାକର ଦାସ ପରାମର୍ଶ ଦେଇଛନ୍ତି। ଏହି ଅବସରରେ ଦାସଙ୍କ ନେତୃତ୍ୱରେ ଏକ ସଚେତନତା କାର୍ଯ୍ୟକ୍ରମ ହୋଇଥିଲା। ବାଲିଆ ଗୋପୀନାଥପୁରସ୍ଥିତ ଉତ୍କଳ ଗୌରବ କ୍ଲବଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ କୈଳାସ ବେହେରା, ପଞ୍ଚାନନ ତରାଇ, ପ୍ରଦୀପ୍ତ ତରେଇ, ରାକେଶ ଦାସ, ଦୀପ୍ତିରଞ୍ଜନ ସାହୁଙ୍କ ସମେତ ୨୦ ରୁ ଉର୍ଦ୍ଧ୍ୱ ଯୁବକ ଯୋଗଦେଇ ପ୍ଲାକାର୍ଡ ଧରି ସଚେତନତା ସୃଷ୍ଟି କରିଥିଲେ। ଏଥିସହ ଏହି ଖେଳ ପାଇଁ ମାହାଙ୍ଗାରେ ପ୍ରାଣହରାଇଥିବା ଯୁବକଙ୍କ ଉଦ୍ଦେଶ୍ୟରେ ନୀରବ ପ୍ରାର୍ଥନା କରାଯାଇଥିଲା।

### କଲେଜ ଆଗରେ ଧାରଣା ଦେବେ ଛାତ୍ରୀଛାତ୍ର

**ନାଉଗାଁ,୭।୯(ସ୍ୱ.ପ୍ର.):** ବ୍ଲକଗ୍ରାଣ୍ଟ ଅଧାପକ ଓ କର୍ମଚାରୀଙ୍କ ପ୍ରତି ସରକାରଙ୍କ ବୈମାତୃକ ମନୋଭାବ ପ୍ରତିବାଦରେ ନାଉଗାଁ ଶ୍ରୀଜଗନ୍ନାଥ ମହାବିଦ୍ୟାଳୟର ଛାତ୍ରୀଛାତ୍ର ଶନିବାର ମହାବିଦ୍ୟାଳୟ ସମ୍ମୁଖରେ ୬ ଘଣ୍ଟିଆ ଧାରଣା ଦେବେ। ଏ ସମ୍ପର୍କରେ ସେମାନେ କଲେଜ ଅଧକ୍ଷ ଜଟାଧାରୀ ମହାନ୍ତି ଓ ନାଉଗାଁ ଥାନା ଅଧିକାରୀ ପ୍ରଜ୍ଞା ରିତାମ୍ବର କରଙ୍କୁ ଶୁକ୍ରବାର ଲିଖିତ ଭାବେ ଜଣାଇଛନ୍ତି। ଛାତ୍ର ଅଜୟ କୁମାର ସାହୁ, ବିକାଶ କୁମାର ନାୟକ, ସ୍ମୃତିରଞ୍ଜନ ଜେନା, ଆଶୀଷ ମହାନ୍ତି, ହିମାଂଶୁ ଭୂଷଣ ବାଲ ପ୍ରମୁଖ ୫୭ ଜଣଙ୍କ ସ୍ୱାକ୍ଷରିତ ଏହି ଦାବିପତ୍ର ପ୍ରଦାନ କରିଛନ୍ତି।

### ମତ୍ସ୍ୟଜୀବୀଙ୍କ ମୃତ୍ୟୁ

**ପାରାଦୀପ,୭।୯(ସ୍ୱ.ପ୍ର.):** ପାରାଦୀପ ବନ୍ଦରରୁ ସମୁଦ୍ରକୁ ମାଛ ଧରିବାକୁ ଯାଇଥିବା ଏକ ଟ୍ରଲରର ଜଣେ ମତ୍ସ୍ୟଜୀବୀଙ୍କ ଶୁକ୍ରବାର ମୃତ୍ୟୁ ଘଟିଛି। ମୃତକ ହେଲେ ପୁରୀ ଜିଲା ଅସ୍ତରଙ୍ଗ ସୁଧୀକେଶ୍ୱର ଗ୍ରାମର ରବୀନ୍ଦ୍ର ନାୟକ(୫୫)। ସେ ମାଛ ଧରୁଥିବାବେଳେ ଅସୁସ୍ଥତା ଅନୁଭବ କରିଥିଲେ। ତାଙ୍କୁ ବିଜୁ ମେମୋରିଅଆଲ ହସ୍‌ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମେରାଇନ ଥାନା ପୋଲିସ ଖବର ପାଇ ମୃତଦେହ ଜବତ କରି ସଂରକ୍ଷିତ ରଖିଛି। ଶନିବାର ବ୍ୟବଚ୍ଛେଦ କରାଯିବ। ଏ ନେଇ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ-୮/୧୮) ରୁଜୁ କରିଛି।

### ଭାଜପା ପକ୍ଷରୁ ୭ ଦଫା ଦାବି

**ରଘୁନାଥପୁର, ୭ ।୯( ଡି.ଏନ.ଏ.):** ଲଗାଣ ବର୍ଷାରେ ରଘୁନାଥପୁର ଅଞ୍ଚଳରେ ଜଳବନ୍ଦୀରେ ଥିବା ପରିବାରଙ୍କ ନିକଟକୁ ତିର୍ତ୍ତୋଲ ନିର୍ବାଚନମଣ୍ଡଳୀ ଭାଜପା ନେତା ପ୍ରଫେସର ରମାକାନ୍ତ ଭୋଇଙ୍କ ନେତୃତ୍ୱରେ ଏକ ଟିମ୍ ଶୁକ୍ରବାର ପରିଦର୍ଶନ କରିଥିଲା। ସେମାନେ ଲୋକଙ୍କ ଅସୁବିଧା ସମ୍ପର୍କରେ ପଚାରି ବୁଝିଥିଲେ। ବିଭିନ୍ନସ୍ଥାନରେ ସ୍ଥିତି ଅନୁଧ୍ୟାନ କରିବା ସହ ଅଧିକରୁ ଅଧିକ ମାତ୍ରାରେ ଲୋକଙ୍କୁ ସହଯୋଗ କରିବାକୁ ସରକାରଙ୍କ ନିକଟରେ ଏକ ୭ ଦଫା ଦାବିପତ୍ର ଖବରଦାତା ସମ୍ମିଳନୀ କରି ବିଡିଓ ଓ ତହସିଲଦାରଙ୍କ ଜରିଆରେ ରାଜ୍ୟ ସରକାରଙ୍କ ପାଖକୁ ପଠାଇଛନ୍ତି। ମଣ୍ଡଳ ସଭାପତି ସୁବାସ ଚନ୍ଦ୍ର ଜେନା, ଜିଲା ପରିଷଦ ସଭ୍ୟ ଅଶୋକ କୁମାର ମହାରଣା, ଜ୍ୟୋତି ରଞ୍ଜନ ସାହୁ ଓ ଜ୍ଞାନ ରଞ୍ଜନ ସ୍ୱାଇଁଙ୍କୁ ନେଇ ଅନୁଷ୍ଠିତ ସମ୍ମିଳନୀରେ ପ୍ରଫେସର ଭୋଇ ରଘୁନାଥପୁର, ବିରିଡି ଓ ତିର୍ତ୍ତୋଲ ବ୍ଲକ ଅଞ୍ଚଳରେ ଜଳବନ୍ଦୀରେ ଥିବା ପରିବାରଙ୍କୁ ଅଧିକରୁ ଅଧିକ ସହଯୋଗ ଯୋଗାଇଦେବା, ଗୃହପାଳିତ ପ୍ରାଣୀଙ୍କୁ ଦାନା, ଚୋକଡ ଯୋଗାଇ ଦେବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଜଳମଗ୍ନ ଅଞ୍ଚଳରେ ସ୍ୱାସ୍ଥ୍ୟସେବା ଯୋଗାଇଦେବା ସହ ବିଶୁଦ୍ଧ ପାନୀୟଜଳର ବ୍ୟବସ୍ଥା କରିବା, ଗୃହପାଳିତ ପ୍ରାଣୀଙ୍କୁ ଚିକିତ୍ସା ଯୋଗାଇଦେବା, ଜଳମଗ୍ନ ହୋଇ ନଷ୍ଟ ହୋଇଥିବା ଧାନ ତଥା ଅନ୍ୟ ଫସଲର କ୍ଷୟକ୍ଷତିକୁ ଠିକ୍ ଆକଳନ, ଡ୍ରେନେଜ ବ୍ୟବସ୍ଥାରେ ସୁଧାର ଆଣିବା ଓ ବିଭିନ୍ନ ସ୍ଥାନରେ ଜଳ ନିଷ୍କାସନ ପାଇଁ ହାଣି ଦିଆଯାଇଥିବା ରାସ୍ତାଘାଟକୁ ଯୁଦ୍ଧକାଳୀନ ଭିତ୍ତିରେ ମରାମତି କରିବାକୁ ସରକାରଙ୍କ ନିକଟରେ ଦାବି ଜଣାଇଛନ୍ତି। ଏସବୁ ଦାବି ପ୍ରତି ଅଣଦେଖା କରାଗଲେ ଭାଜପା ପକ୍ଷରୁ ସାଧାରଣଙ୍କ ହିତ ପାଇଁ ଭିନ୍ନ ପନ୍ଥା ଅବଲମ୍ବନ କରାଯିବ ବୋଲି କୁହାଯାଇଛି।





ପାରାଦୀପ ପୌର ପରିଷଦ ଅନ୍ତର୍ଗତ ବାଉରିଆପାଳନ୍ଦା ବସ୍ତିରେ ଶୁକ୍ରବାର ଜମି ରହିଥିବା ବର୍ଷାପାଣି।

# ଛାଡ଼ିଲା ବର୍ଷା, କମିନି ଦୁର୍ଦ୍ଦଶା

## କୁମ୍ଭକାରଙ୍କୁ ଦାଉ ସାଧିଲା ବର୍ଷା

**କୁଜଙ୍ଗ/ପାରାଦୀପ,୭।୯(ସ୍ୱ.ପ୍ର.)**

ଲଗାଣ ବର୍ଷାରେ କୁଜଙ୍ଗ ବ୍ଲକ ଅଞ୍ଚଳରେ ବ୍ୟାପକ କ୍ଷୟକ୍ଷତି ହୋଇଛି। ବିଶେଷକରି ଏହି ବ୍ଲକ କୋଠି ପଞ୍ଚାୟତର ଲୁଣ୍ଡୁକୂଆ ଗ୍ରାମରେ ପ୍ରାୟ ୬୦ରୁ ଉର୍ଦ୍ଧ୍ୱ କୁମ୍ଭକାର ପରିବାର ବର୍ଷାରେ ଅଧିକ କ୍ଷତିଗ୍ରସ୍ତ ହୋଇଛନ୍ତି। ଆଗକୁ ପାର୍ବଣ ଋତୁ ଆସୁଥିବାବେଳେ କୁମ୍ଭକାରମାନେ ଗୁଜୁରାଣ ମେଣ୍ଟାଇବା ପାଇଁ ଯେଉଁ ମାଟିପାତ୍ର ଓ କଳାକୃତିମାନ ନିର୍ମାଣ କରିଥିଲେ ସେ ସବୁ ବର୍ଷାରେ ଧୋଇଯାଇଛି। ତେଣୁ ଏହି ପରିବାରଗୁଡିକର ରୋଜଗାର ଏକପ୍ରକାର ଠପ୍ ହୋଇଯାଇଛି। କୁମ୍ଭକାରମାନଙ୍କ ଭାଟି, ଚକ ଓ ଭାଟିଘର ସବୁ ପାଣିରେ ବୁଡିଯାଇଛି। ଆଗକୁ ଗଣେଶ ପୂଜା, ବିଶ୍ୱକର୍ମା ପୂଜା ସହ ପାର୍ବଣ ଋତୁ ଆସୁଛି। ଏଥିପାଇଁ କୁମ୍ଭକାରମାନେ କିଛଦିନ ହେବ କଳସ, ମାଠିଆ, ଦୀପ, ଧୂପଦାନୀ ସହ ବହୁ ପୂଜା ସମାଗ୍ରୀ ତିଆରି କରିଥିଲେ। ବର୍ଷାରେ ସେସବୁ ନଷ୍ଟ ହୋଇଯାଇଥିବାରୁ କୁମ୍ଭକାରମାନେ ଚିନ୍ତାରେ ପଡିଛନ୍ତି। ପୂଜା ପୂର୍ବରୁ ସେସବୁ ପୁଣି ଥରେ ତିଆରି କରିବା ସହଜ ନୁହେଁ ବୋଲି କହିଛନ୍ତି ଟେରାକୋଟା କାରୀଗର ନବଘନ ବେହେରା। ଯଦି ସରକାରଙ୍କ ପକ୍ଷରୁ ଏହି କୁମ୍ଭକାରମାନଙ୍କ ପରିବାରକୁ କିଛି ଆର୍ଥିକ ସହାୟତା ପ୍ରଦାନ କରାଯିବ ତେବେ ସେମାନଙ୍କ ଗୁଜୁରାଣ ମେଣ୍ଟିପାରିବ। ନଚେତ ସେମାନେ ଦୁର୍ଦ୍ଦଶାର ସମ୍ମୁଖୀନ ହେବେ ବୋଲି ସେ କହିଛନ୍ତି। ତେଣୁ ସରକାର ତରୁନ୍ତ ଏହି ପରିବାରଗୁଡିକୁ ସହାୟତା ପ୍ରଦାନ କରିବାକୁ କୋଠି ସରପଞ୍ଚ ଋତୁପମା ସ୍ୱାଇଁ, ସମିତି ସଭ୍ୟ ଅରକ୍ଷିତ ଦାସ ପ୍ରମୁଖ ଦାବି କରିଛନ୍ତି।



ଜଣେ କୁମ୍ଭକାର ବର୍ଷା ପାଣିରୁ ବିଭିନ୍ନ ସାମଗ୍ରୀ ସଂଗ୍ରହ କରୁଛନ୍ତି।

## ଗୋପିଆକୁଦରେ ବହୁ ପରିବାର ଜଳବନ୍ଦୀ

ବର୍ଷା ଛାଡିଯାଇଥିଲେ ମଧ କୁଜଙ୍ଗ ବ୍ଲକରେ ଲୋକମାନେ ଘୋର ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛନ୍ତି। ଏହି ବ୍ଲକ ଅଧୀନ ଗୋପିଆକୁଦ ପଞ୍ଚାୟତର ବହୁ ଗ୍ରାମ ପାଣି ଘେରରେ ରହିଛି। ପାଣି ନିଷ୍କାସନ ହୋଇପାରୁ ନ ଥିବାରୁ କୃତ୍ରିମ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ଭାଜପା ନେତ୍ରୀ ତଥା କୁଜଙ୍ଗ ଜୋନ୍ ୨ର ଜିଲାପରିଷଦ ସଭ୍ୟା ସୁଶ୍ରୀ ପ୍ରିୟଦର୍ଶିନୀ ଶୁକ୍ରବାର ବିପନ୍ନ ପରିବାରକୁ ଭେଟିବା ସହ କେତେକ ସ୍ଥାନରେ ଅତ୍ୟାବଶ୍ୟକ ସାମଗ୍ରୀ ବଣ୍ଟନ କରିଛନ୍ତି। ସେ ଗୋପିଆକୁଦ ପଞ୍ଚାୟତର ବାଲିସାହୀ, ଦୁଆରଡିଆ, ସମାଗୋଳ, ବରିହା, ତାଳଦଣ୍ଡା, ଗୋଠଡିଆ ଆଦି ଅଞ୍ଚଳ ବୁଲିଥିଲେ। ବହୁ ଲୋକ ଗୋରୁଗାଈଙ୍କ ସହ ଆଶ୍ରୟ ନେଇଥିବା ସେ ଦେଖିବାକୁ ପାଇଥିଲେ। ତାଙ୍କ ସହ ସାମାଜିକ କର୍ମୀ ଶ୍ରୀନିବାସ ସ୍ୱାଇଁ, ସୁକଦେବ ନାୟକ, ଅଦ୍ୱୈତ ଦଳାଇ, ସାଗର ତରାଇ, ଶିବାଜୀ ସ୍ୱାଇଁ, ଅଶୋକ ସ୍ୱାଇଁ ପ୍ରମୁଖ କ୍ଷତିଗ୍ରସ୍ତ ଅଞ୍ଚଳ ବୁଲି ଦେଖିଥିଲେ। ସେହିପରି ଏହି ପଞ୍ଚାୟତର ସରପଞ୍ଚ ନନ୍ଦନୀ ପଣ୍ଡା ଓ ତାଙ୍କ ସହଯୋଗୀ ବହୁ ପରିବାରକୁ ରନ୍ଧାଖାଦ୍ୟ ପ୍ରଦାନ କରିଛନ୍ତି। ହଜାର ହଜାର ହେକ୍ଟର ଚାଷଜମି ଓ ଘାସ ପଡିଆ ଜଳମଗ୍ନ ହୋଇପଡିଛି। ତେଣୁ ଗୋସମ୍ପଦ ପାଇଁ ପ୍ରଶାସନ ଖାଦ୍ୟ ବ୍ୟବସ୍ଥା କରିବା ଜରୁରୀ ହୋଇପଡିଛି। ବହ ଘରେ ପାଣି ଜମି ରହିଥିବାରୁ ଲୋକେ ଭୋକ ଉପାସରେ ରହୁଛନ୍ତି।



କୁଜଙ୍ଗରେ ପାଣି ଘେରରେ ଥିବା ଘର।

## ବର୍ଷାରେ ନଷ୍ଟହେଲା କମ୍ପ୍ୟୁଟର ସହ ଗୁରୁତ୍ୱପୂର୍ଣ୍ଣ ଦସ୍ତାବିଜ୍

**ତିର୍ତ୍ତୋଲ,୭।୯(ଡି.ଏନ.ଏ.)**

ଲଘୁଚାପ ଜନିତ ବର୍ଷା ଯୋଗୁ ତିର୍ତ୍ତୋଲ ବ୍ଲକ ମଣିଜଙ୍ଗାଠାରେ ଥିବା ଉପନିବନ୍ଧକଙ୍କ କାର୍ଯ୍ୟାଳୟରେ ପାଣି ପଶି ବହୁ ଗୁରୁତ୍ୱପୂର୍ଣ୍ଣ ଦସ୍ତାବିଜ୍ ନଷ୍ଟ ହୋଇଯାଇଛି। ଏଥିସହ କମ୍ପ୍ୟୁଟର, ପ୍ରିଣ୍ଟର, କି-ବୋର୍ଡ ସମେତ କେତେକ ବୈଦ୍ୟୁତିକ ସାମଗ୍ରୀ ମଧ ଓଦାହୋଇ ନଷ୍ଟ ହୋଇଛି। ଏହି କାର୍ଯ୍ୟାଳୟଟି ଖାଲୁଆ ସ୍ଥାନରେ ଥିବାରୁ ବର୍ଷା ପାଣି କାର୍ଯ୍ୟାଳୟ ଭିତରେ ପଶି ପ୍ରାୟ ୩ଫୁଟ ଉଚ୍ଚରେ ଜମି ରହିଥିଲା। ଫଳରେ କାର୍ଯ୍ୟାଳୟରେ ଥିବା କମ୍ପ୍ୟୁଟର ଓ ଅନ୍ୟାନ୍ୟ ଦସ୍ତାବିଜ୍ ପାଣିରେ ବୁଡ଼ି ରହିଥିଲା। ଶୁକ୍ରବାର କର୍ମଚାରୀମାନେ କାର୍ଯ୍ୟାଳୟକୁ ଆସିବା ପରେ ଏହା ଦେଖିଥିଲେ ଓ ପାଣିରୁ ସମସ୍ତ କାଗଜପତ୍ର ଉଦ୍ଧାର କରି ବାହାରେ ଖରାରେ ଶୁଖାଇ ଥିଲେ। ଏଥିରେ କାର୍ଯ୍ୟାଳୟରେ ମହଜୁଦ ଥିବା ପୁରୁଣା ଦଲିଲ ସମେତ ଅନ୍ୟାନ୍ୟ ଜମିବାଡି ସଂକ୍ରାନ୍ତୀୟ କାଗଜପତ୍ର ରହିଥିବା କାର୍ଯ୍ୟାଳୟର ଜଣେ କର୍ମଚାରୀ କହିଛନ୍ତି।



ଓଦା ହୋଇଯାଇଥିବା ଦସ୍ତାବିଜ୍ ବାହାରେ ଶୁଖାଯାଉଛି।

## ବର୍ଷା ପ୍ରଭାବିତ ଅଞ୍ଚଳ ପରିଦର୍ଶନ କଲେ ଏମ୍‌ପି

ଜଗତ୍‌ସିଂହପୁର ଏମ୍‌ପି ଡା. କୁଳମଣି ସାମଲ ଗୁରୁବାର ବର୍ଷା ପ୍ରଭାବିତ କୁଜଙ୍ଗ ବ୍ଲକର ବିଭିନ୍ନ ଅଞ୍ଚଳ ପରିଦର୍ଶନ କରିଛନ୍ତି। ବିପନ୍ନ ପରିବାରଙ୍କ ପାଇଁ ସମସ୍ତ ସହାୟତା ବ୍ୟବସ୍ଥା କରିବାକୁ ସେ ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି। ଶୁକ୍ରବାର ମଧ ସେ ଏରସମା ବ୍ଲକ୍‌ର ବହୁ ଅଞ୍ଚଳ ବୁଲି ଦେଖିଛନ୍ତି। ଭିତର ଅନ୍ଧାରୀ ଅଞ୍ଚଳକୁ ଇଞ୍ଜିନ୍ ଚାଳିତ ଡଙ୍ଗାରେ ଯାଇ ସେ କେତେକ ଅଞ୍ଚଳ ବୁଲି ଦେଖିଥିଲେ। ଅପରାହ୍ନରେ ତିର୍ତ୍ତୋଲ ବ୍ଲକ୍‌ର ଧୋଇଆ ଅଞ୍ଚଳ ସମେତ ଅନ୍ୟାନ୍ୟ ଅଞ୍ଚଳ ବୁଲିବା ସହ ସ୍ଥାନୀୟ ବିଡିଓଙ୍କ ସହ ଆଲୋଚନା କରିଛନ୍ତି। ପରେ ରଘୁନାଥପୁର ଅଞ୍ଚଳ ଗସ୍ତ କରି କ୍ଷତିଗ୍ରସ୍ତ ଲୋକଙ୍କୁ ଭେଟିଥିଲେ। ଏହାପରେ ବ୍ଲକ୍ ପ୍ରଶାସନ ସହ ଆଲୋଚନା କରି ଆବଶ୍ୟକ ପଦକ୍ଷେପ ନେବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି।



ଏମ୍‌ପି କୁଳମଣି ସାମଲ ବିପନ୍ନ ଲୋକଙ୍କୁ ଭେଟିବାକୁ ଯାଉଛନ୍ତି।

## ପାରାଦୀପ ସମେତ ୧୪୭ ଗାଁ ପ୍ରଭାବିତ

**ଜଗତ୍‌ସିଂହପୁର ଅଫିସ, ୭।୯**

- ୨୭,୬୫୨ ଲୋକ, ୬,୭୦୦ ହେକ୍ଟର ଚାଷଜମି କ୍ଷତିଗ୍ରସ୍ତ
- ୫୦୦୭ ଲୋକ ସ୍ଥାନାନ୍ତର, ୧୯ ସ୍ଥାନରେ ରନ୍ଧାଖାଦ୍ୟ ପ୍ରଦାନ
- ଜଣେ ମୃତ, ୬୦୩ ଘର କ୍ଷତିଗ୍ରସ୍ତ

ଦୁଇଦିନ ଧରି ପ୍ରବଳ ବର୍ଷା ଯୋଗୁ ଜଗତ୍‌ସିଂହପୁର ଜିଲାରେ ବ୍ୟାପକ କ୍ଷୟକ୍ଷତି ହୋଇଛି। ପାରାଦୀପ ପୌରାଞ୍ଚଳ ସମେତ ଜିଲାର ୨ଟି ବ୍ଲକ, ୩୪ଟି ପଞ୍ଚାୟତର ୧୪୭ ଗାଁ ବିଶେଷ ପ୍ରଭାବିତ ହୋଇଛି। ଏହିସବୁ ଅଞ୍ଚଳର ପାଖାପାଖି ୨୭,୬୫୨ ଜଣ ଲୋକ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହୋଇଛନ୍ତି। ୬୦୩ ଘର କ୍ଷତିଗ୍ରସ୍ତ ହୋଇଛି। ୬,୭୦୦ ହେକ୍ଟର ଚାଷଜମିରେ ପାଣି ଜମି ରହିବାରୁ ଫସଲ ହାନୀ ହୋଇଥିବା ଆକଳନ କରାଯାଇଛି। ପରିସ୍ଥିତିକୁ ଦେଖି ଶୁକ୍ରବାର ସୁଦ୍ଧା ୫୦୦୭ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତରିତ କରାଯାଇଛି। ୧୯ଟି ସ୍ଥାନରେ ରନ୍ଧାଖାଦ୍ୟ ବଣ୍ଟନ କରାଯାଉଛି। ତେବେ ଜଣଙ୍କର ମୃତ୍ୟୁ ହୋଇଥିବା ସୂଚନା ମିଳିଛି। ଜିଲାର ଜରୁରୀକାଳୀନ ବିଭାଗ ପକ୍ଷରୁ ଏହି ସୂଚନା ଦିଆଯାଇଛି। ପାରାଦୀପ ପୌରାଞ୍ଚଳର ୧୯ଟି ୱାର୍ଡର ଅନେକ ଲୋକ ଘର ଛାଡି ସୁରକ୍ଷିତ ସ୍ଥାନକୁ ଚାଲି ଯାଇଛନ୍ତି। ଶୁକ୍ରବାର ପାଗ ଭଲ ରହିବାରୁ କିଛି ଲୋକ ଘର ମୁହାଁ ହୋଇଛନ୍ତି। ଜିଲାର ସ୍ଥାନାନ୍ତର ହୋଇଥିବା ୫୦୦୭ ଜଣଙ୍କ ମଧ୍ୟରୁ ପାଖାପାଖି ୩ ହଜାର ଲୋକ ଘରକୁ ଫେରିଛନ୍ତି। ପ୍ରଥମେ ୩୦ଟି କେନ୍ଦ୍ରରେ ରନ୍ଧାଖାଦ୍ୟ ଓ ରିଲିଫ ପ୍ରଦାନ କରାଯାଇଥିବା ବେଳେ ଏବେ ୧୯ଟି କେନ୍ଦ୍ରରେ ଦିଆଯାଉଛି। ୬୦୩ଟି ଘର କ୍ଷତିଗ୍ରସ୍ତ ହୋଇଥିବାବେଳେ ୮୫ଟି ପୂର୍ଣ୍ଣ ମାତ୍ରାରେ ଭାଙ୍ଗିଯାଇଛି। ୫୧୮ଟି ଅତିମାତ୍ରାରେ କ୍ଷତିଗ୍ରସ୍ତ ହୋଇଛି। ଜରୁରୀକାଳିନ ରିଲିଫ ବାବଦରେ ୧୦୮ ପରିବାରକୁ ପଲିଥିନ୍ ଯୋଗାଇ ଦିଆଯାଇଛି। ଏଥିସହ ୧୫ କୁଇଣ୍ଟାଲ ଚୁଡା, ୧୨୦ କିଲୋଗ୍ରାମ ଚିନି, ୧୦,୦୦୦ ପ୍ୟାକେଟ୍ ବିସ୍କୁଟ୍, ୪୮୦ ପ୍ୟାକେଟ୍ ମହମବତି ବଣ୍ଟାଯାଇଛି । ଏହି ବର୍ଷା ଯୋଗୁ ଡ୍ରେନେଜ୍, ଭିତ୍ତିଭୂମି, ରାସ୍ତା ଆଦି କ୍ଷତିଗ୍ରସ୍ତ ହୋଇଛି।

## ବସନ୍ତ ବିଶ୍ୱାଳଙ୍କ ଶ୍ରାଦ୍ଧବାର୍ଷିକ

**ତିର୍ତ୍ତୋଲ,୭।୯(ଡି.ଏନ.ଏ.)**

ପୂର୍ବତନ ଉପମୁଖ୍ୟମନ୍ତ୍ରୀ ତଥା ତିର୍ତ୍ତୋଲର ପୂର୍ବତନ ବିଧାୟକ ବସନ୍ତ କୁମାର ବିଶ୍ୱାଳଙ୍କ ୧୫ତମ ଶ୍ରାଦ୍ଧ ବାର୍ଷିକ ଶୁକ୍ରବାର ସ୍ଥାନୀୟ ବୀଣାପାଣୀ ମଣ୍ଡପ ପରିସରରେ ପାଳିତ ହୋଇଛି। ସ୍ୱର୍ଗତ ବସନ୍ତ ବିଶ୍ୱାଳ ସ୍ମୃତି କମିଟି ତରଫରୁ ଆୟୋଜିତ ଏହି ସ୍ମୃତିସଭାରେ ବରିଷ୍ଠ କଂଗ୍ରେସ ନେତା ଅକ୍ଷୟ ଦାସ ସଭାପତିତ୍ୱ କରିଥିଲେ। ରାଜ୍ୟ କଂଗ୍ରେସ ଉପସଭାପତି ଶିବାନନ୍ଦ ରାୟ ମୁଖ୍ୟଅତିଥି, ପିସିସି ସମ୍ପାଦକ ଦିଲୀପ ମହାନ୍ତି ମୁଖ୍ୟବକ୍ତା, ସ୍ମୃତି କମିଟି ସଭାପତି ଡା.କ୍ଷିରୋଦ କୁମାର ମଲ୍ଲିକ. ରାଜ୍ୟ ଏସସି ସେଲ ଆବାହକ ଦେବେନ୍ଦ୍ର ମଲ୍ଲିକ, ମହିଳା କଂଗ୍ରେସ ସମ୍ପାଦିକା ପ୍ରତିମା ମଲ୍ଲିକ, ସରପଞ୍ଚ ଦିପ୍ତିରେଖା ରାୟ, ବସନ୍ତ ସେଠୀ, ଧନଞ୍ଜୟ ସୂତାର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ପୂର୍ବତନ ବ୍ଲକ ଅଧକ୍ଷ ନରହରି ସ୍ୱାଇଁ, ଅନନ୍ତ ଚରଣ ପାଳ, ରମାକାନ୍ତ ସାହୁ, ଏରଞ୍ଚ କଲେଜର ପୂର୍ବତନ ଅଧକ୍ଷ ବିଷ୍ଣୁ ଚରଣ ମୁଦୁଲିଙ୍କ ସମ୍ବର୍ଦ୍ଧିତ କରାଯାଇଥିଲା। କବି ରମାକାନ୍ତ ରାଉଳ 'ଚିରବସନ୍ତର ଇତିକଥା' ଶୀର୍ଷକ କବିତା ପାଠ କରିଥିଲେ।

**ଏରସମା,(ସ୍ୱ.ପ୍ର.):** ଏରସମା ବ୍ଲକ ସଦରମହକୁମାସ୍ଥିତ ସ୍ୱାଧୀନତା ସଂଗ୍ରାମୀ ସ୍ମୃତି ପୀଠ ପରିସରରେ ବସନ୍ତ ବିଶ୍ୱାଳଙ୍କ ଶ୍ରାଦ୍ଧ ଉତ୍ସବ ପାଳିତ ହୋଇଛି। ପୂର୍ବତନ ଜିଲା ପରିଷଦ ସଭ୍ୟ ସାରଦା ପ୍ରସନ୍ନ ଜେନାଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ପିସିସି ସଦସ୍ୟ ତଥା ପଳିକଣ୍ଟା ସରପଞ୍ଚ ଧ୍ୱଜରାଜ ଖଣ୍ଡୁଆଳ, କୃଷ୍ଣଚନ୍ଦ୍ରପୁର ସରପଞ୍ଚ ବଲ୍ଲବାନନ୍ଦ ସ୍ୱାଇଁ, ପୂର୍ବତନ ସରପଞ୍ଚ ଦୀପ୍ତିରାଣୀ ପ୍ରଧାନ, ସୁଧାକର ଖଟୁଆ, ଜିତେନ୍ଦ୍ର ଗଛାୟତ, ପୂର୍ଣ୍ଣଚନ୍ଦ୍ର ପ୍ରଧାନ ଯୋଗ ଦେଇଥିଲେ।

**ବାଲିକୁଦା,(ସ୍ୱ.ପ୍ର.):** ବାଲିକୁଦା ବ୍ଲକ କଂଗ୍ରେସ ପକ୍ଷରୁ ବସନ୍ତ ବିଶ୍ୱାଳଙ୍କ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଛି। ପୂର୍ବତନ ବିଧାୟକ ଡା. ଲଲାଟେନ୍ଦୁ ମହାପାତ୍ର, ବ୍ଲକ କଂଗ୍ରେସ ସଭାପତି ବିକ୍ରମ କିଶୋର ପରିଡା, ବୈରାଗୀ ଚରଣ ରାଉତ, ଗଙ୍ଗାଧର ଖଟୁଆ, ଜିଲାପରିଷଦ ସଦସ୍ୟ ମହନି ଚରଣ ରାଉତ, ଜିଲାକଂଗ୍ରେସ କାର୍ଯ୍ୟକାରିଣୀ ସଦସ୍ୟ ଶିବବ୍ରତ ଦାସ, ସରପଞ୍ଚ ସାଧୁ ଚରଣ ସାହୁ, ରମେଶ ସ୍ୱାଇଁ, ପୂର୍ବତନ ସରପଞ୍ଚ ଘନଶ୍ୟାମ ସେଠୀ, ଜିଲ୍ଲା କଂଗ୍ରେସ ଓବିସି ସେଲ୍ ଉପାଧକ୍ଷ ଆର୍ତ୍ତବନ୍ଧୁ ବିଶ୍ୱାଳ ପ୍ରମୁଖ ଏଥିରେ ଯୋଗ ଦେଇଥିଲେ।

**ବିରିଡି,(ଡି.ଏନ.ଏ.)/ବାଲିଆ:** ବିରିଡି ବ୍ଲକ ବସନ୍ତ ବିଶ୍ୱାଳ ସ୍ମୃତି ସଂସଦ ପକ୍ଷରୁ ବିଶ୍ୱାଳଙ୍କ ଶ୍ରାଦ୍ଧୋତ୍ସବ ପାଳିତ ହୋଇଛି। ସ୍ମୃତି ସଂସଦର ସଭାପତି ଲିଙ୍ଗରାଜ ମଲ୍ଲଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ଉତ୍ସବରେ ପୂର୍ବତନ ବିଧାୟକ କୈଳାସ ଚନ୍ଦ୍ର ମଲ୍ଲିକ, ବ୍ଲକ ଅଧକ୍ଷ ପଦ୍ମନାଭ ଭୋଇ, ଶିକ୍ଷାବିତ କିଶୋର ଚନ୍ଦ୍ର ମହାନ୍ତି, ପୂର୍ବତନ ଏମ୍‌ପି ବିଭୁପ୍ରସାଦ ତରାଇ, ପିସିସି ସମ୍ପାଦକ ପ୍ରମୋଦ କୁମାର ଜେନା, କଂଗ୍ରେସ ଯୁବ ସଂଗଠକ ଦେବୀ ପ୍ରସାଦ ତ୍ରିପାଠୀ, ସ୍ମୃତି ସଂସଦର ସମ୍ପାଦକ ଅଶୋକ କୁମାର ଜେନା, କୋଷାଧକ୍ଷ ଚନ୍ଦ୍ର ଶେଖର ଦାଶ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ କବି ବାମଦେବ ସ୍ୱାଇଁ, ବିଶିଷ୍ଟ ସାହିତ୍ୟିକ ପିତାମ୍ବର ମହାପାତ୍ର ଏବଂ ଛାତ୍ର ପ୍ରଭୁଦତ୍ତ ରାଉତଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ଅଧାପକଙ୍କ ଆନ୍ଦୋଳନକୁ ଛାତ୍ରୀଛାତ୍ରଙ୍କ ସମର୍ଥନ

**ରାହାମା,୭।୯(ଡି.ଏନ୍.ଏ.)**

ଓଡିଶା ସ୍କୁଲ କଲେଜ ଶିକ୍ଷକ, ଅଧାପକ ଓ କର୍ମଚାରୀ ମିଳିତ ମଞ୍ଚ ଆହ୍ୱାନରେ ବ୍ଲକଗ୍ରାଣ୍ଟ ଉଚ୍ଛେଦ ଓ ପୂର୍ଣ୍ଣ ଅନୁଦାନ ଦାବିରେ ଅଧାପକ ଓ କର୍ମଚାରୀମାନେ ଆନ୍ଦୋଳନ ଚଳାଇଛନ୍ତି। ଜଗତ୍‌ସିଂହପୁର ଜିଲା ରାହାମାସ୍ଥିତ ଶାରଳା ମହାବିଦ୍ୟାଳୟର ଅଧାପିକା ଅଧାପକ ଓ କର୍ମଚାରୀମାନେ ଏହି ଆନ୍ଦୋଳନରେ ସାମିଲ ହୋଇଛନ୍ତି। ସେମାନଙ୍କୁ ସମର୍ଥନ ଜଣାଇ ଶୁକ୍ରବାର କଲେଜର ଛାତ୍ରୀଛାତ୍ର ମଧ ଧାରଣା ଦେଇଛନ୍ତି। ଏହି ଆନ୍ଦୋଳନ ଅନିର୍ଦ୍ଦିଷ୍ଟ କାଳ ପାଇଁ ଚାଲୁ ରହିବ ବୋଲି ଆନ୍ଦୋଳନର ନେତୃତ୍ୱ ନେଇଥିବା




ଅଧାପିକାଅଧାପକଙ୍କ ସହ ଧାରଣାରେ ସାମିଲ ହୋଇଥିବା ଛାତ୍ରୀଛାତ୍ର।

**ଶାରଳା ମହାବିଦ୍ୟାଳୟ**

କଲେଜର ଅଧାପିକା ହରପ୍ରିୟା ଦାସ, ଗୀତାଞ୍ଜଳି ମହାପାତ୍ର, କବିତାବାଳା ଦାସ, ଅଧାପକ ସୁରେନ୍ଦ୍ରନାଥ ମିଶ୍ର, ରବୀନ୍ଦ୍ରନାଥ ନାୟକ, ରାକେଶ ରଞ୍ଜନ ଦାସ, ନିର୍ଣ୍ଣୟ କୁମାର ଦାସ, ପ୍ରଶାନ୍ତ କୁମାର ଦାସ, ଅମର ସେନାପତି, ବିଜୟ ମହାପାତ୍ର, ତପନ କୁମାର ବେହେରା, ସାରଦା ପ୍ରସନ୍ନ ବରାଳ, ଗୌରାଙ୍ଗ ଚରଣ ସେଠୀ ପ୍ରମୁଖ ପ୍ରକାଶ କରିଛନ୍ତି। ନବୀନ ସରକାରଙ୍କ ଶିକ୍ଷକଙ୍କ ପ୍ରତ ମିଥ୍ୟା ପ୍ରତିଶ୍ରୁତି ଓ ପ୍ରତାରଣା ବିରୋଧରେ ଏହି ଆନ୍ଦୋଳନ ଦାବି ହାସଲ ପର୍ଯ୍ୟନ୍ତ ଚାଲୁ ରହିବ ବୋଲି ସେମାନେ କହିଛନ୍ତି।

## ସଂକ୍ଷେପରେ

### ନାଳରେ ନିଖୋଜ ଛାତ୍ରଙ୍କ ମୃତଦେହ ମିଳିଲା

ଏରସମା,୭।୯(ସ୍ୱ.ପ୍ର.): ଏରସମା ଥାନା ଅନ୍ତର୍ଗତ ଭିତର ଅନ୍ଧାରୀ ଗ୍ରାମର ବାବାଜୀ ଦଳାଇଙ୍କ ପୁଅ ସୂର୍ଯ୍ୟକାନ୍ତ ଗୁରୁବାର ନାଳରେ ବୁଡ଼ି ନିଖୋଜ ହୋଇଯାଇଥିଲେ। ଶୁକ୍ରବାର ତାଙ୍କ ମୃତଦେହ ଉଦ୍ଧାର କରାଯାଇଛି। ସୂଚନା ଅନୁଯାୟୀ, ସୂର୍ଯ୍ୟକାନ୍ତ ମାଛ ଧରା ଦେଖୁଥିବାବେଳେ ହଠାତ ପୋଲ ତଳକୁ ଖସି ପଡିଥିଲେ। ଗ୍ରାମବାସୀ ତାଙ୍କୁ ଉଦ୍ଧାର କରିବାକୁ ଉଦ୍ୟମ କରି ବିଫଳ ହୋଇଥିଲେ। ଶୁକ୍ରବାର ଏନଡିଆରଏଫ ପହଞ୍ଚି ପାଣିରେ ବୁଡି ଖୋଜାଖୋଜି କରିଥିଲେ। ଅପରାହ୍ନ ୫ଟାରେ ସୂର୍ଯ୍ୟକାନ୍ତଙ୍କ ମୃତଦେହ ମିଳିଥିଲା। ପୋଲିସ ମୃତଦେହ ଜବତ କରି ଶନିବାର ବ୍ୟବଚ୍ଛେଦ କରାଯିବ ବୋଲି କହିଛି।

### ସାରସ୍ୱତ ବିଦ୍ୟାଳୟକୁ ସ୍ୱଚ୍ଛ ବିଦ୍ୟାଳୟ ପୁରସ୍କାର

ବିରିଡ଼ି,୭।୯(ଡି.ଏନ.ଏ.): ଜଗତ୍‌ସିଂହପୁର ଜିଲା ବିରିଡ଼ି ବ୍ଲକ ଅନ୍ତର୍ଗତ ଗୋପୀନାଥପୁରସ୍ଥିତ ସାରସ୍ୱତ ପ୍ରାଥମିକ ବିଦ୍ୟାଳୟକୁ ୨୦୧୭-୧୮ ବର୍ଷ ପାଇଁ ସ୍ୱଚ୍ଛ ବିଦୟାଳୟ ପୁରସ୍କାର ପ୍ରଦାନ କରାଯାଇଛି। ଗୁରୁଦିବସ ଅବସରରେ ଆୟୋଜିତ ଏକ ସ୍ୱତନ୍ତ୍ର ଉତ୍ସବରେ ଜଗତ୍‌ସିଂହପୁର ଜିଲାପାଳ ଯାମିନୀ ଷଡଙ୍ଗୀଙ୍କଠାରୁ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ସାଧନା ଦାସ ଓ ବରିଷ୍ଠ ଶିକ୍ଷୟିତ୍ରୀ ପ୍ରିୟତମା ସାହୁ ଏହି ପୁରସ୍କାର ଗ୍ରହଣ କରିଛନ୍ତି। ପୁରସ୍କାର ବାବଦକୁ ୫ହଜାର ଟଙ୍କା, ମାନପତ୍ର ସହ ଏକ ଟ୍ରଫି ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଜିଲା ଶିକ୍ଷା ଅଧିକାରୀ ପ୍ରତିଭା ମଞ୍ଜରୀ ଦାସ, ଜିଲା ପ୍ରକଳ୍ପ ସଂଯୋଜକ ସପନ କୁମାର ଜେନା, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଏହି ପୁରସ୍କାର ପାଇଁ ବିଦ୍ୟାଳୟ ପରିଚାଳନା କମିଟି ସଭାପତି, ସମସ୍ତ ସଭ୍ୟାସଭ୍ୟ ଓ ଅଭିଭାବକ ମାନେ ଜିଲାପାଳଙ୍କୁ କୃତଜ୍ଞତା ଜଣାଇଛନ୍ତି।

# ସମଲିଙ୍ଗୀ ବିବାହ କରିବେ ଐଶ୍ୱର୍ଯ୍ୟା

ପାରାଦୀପ,୭।୯(ସ୍ୱ.ପ୍ର.)

ରାଜ୍ୟର ପ୍ରଥମ ଓ ଏକମାତ୍ର ଓଏଫ୍‌ଏସ୍ ପାଇଥିବା କିନ୍ନର ହେଉଛନ୍ତି ପାରାଦୀପର ବାଣିଜ୍ୟ କର ଅଧିକାରୀ ଐଶ୍ୱର୍ଯ୍ୟା ଋତୁପର୍ଣ୍ଣା ପ୍ରଧାନ। ଗୁରୁବାର ସୁପ୍ରିମକୋର୍ଟ ଧାରା ୩୭୭କୁ ନେଇ ରହିଥିବା ବିବାଦର ସମାଧାନ କରିବାକୁ ଯାଇ ସମଲିଙ୍ଗୀ ସମ୍ପର୍କ ଅପରାଧ ନୁହେଁ ବୋଲି ଘୋଷଣା କରିବା ପରେ ସେ ସବୁଠାରୁ ବେଶି ଖୁସି ପ୍ରକାଶ କରିଛନ୍ତି। ଏଥିସହ ଖୁବ୍ ଶୀଘ୍ର ସେ ସମଲିଙ୍ଗୀ ବିବାହ କରିବାକୁ ଯାଉଛନ୍ତି ବୋଲି ଘୋଷଣା କରିଛନ୍ତି। ଦୀର୍ଘଦିନ ଧରି ସେ ନିଜ ପୁରୁଷ ବନ୍ଧୁଙ୍କ ସହ ଲିଭ୍ ଇନ୍ ରିଲେଶନଶିପ୍‌ରେ ଅଛନ୍ତି। ସୁପ୍ରିମକୋର୍ଟଙ୍କ ଏହି ଐତିହାସିକ ରାୟ ପରେ ତାଙ୍କର ଅନ୍ତର ଆତ୍ମା ଯାହା ପାଇବାକୁ ଚାହୁଁଥିଲା ତାହା ପୂରଣ ହେବ ବୋଲି ଐଶ୍ୱର୍ଯ୍ୟ କହିଛନ୍ତି। ତେବେ ସେ ବିବାହ ପୂର୍ବରୁ ନିଜ ପୁରୁଷ ବନ୍ଧୁଙ୍କ ନାମ ପ୍ରକାଶ କରିବାକୁ ମନା କରିଦେଇଛନ୍ତି। ବିବାହ ପରେ ସେ ଏକ ପୋଷ୍ୟ କନ୍ୟା ଗ୍ରହଣ କରିବେ ବୋଲି ସୂଚନା ଦେଇଛନ୍ତି।

୨୦୧୪ ଏପ୍ରିଲରେ ସୁପ୍ରିମକୋର୍ଟ କିନ୍ନରଙ୍କୁ ତୃତୀୟ ଲିଙ୍ଗ ମାନ୍ୟତା ପ୍ରଦାନ କରିବା ପରେ ଐଶ୍ୱର୍ଯ୍ୟା ଚର୍ଚ୍ଚାକୁ ଆସିଥିଲେ। ରତିକାନ୍ତ ପ୍ରଧାନ ନାମରେ ଜଣେ ପୁରୁଷ ଭାବେ ସେ ପରିଚିତ ହୋଇଆସୁଥିବାବେଳେ ୨୦୧୫ ଅକ୍ଟୋବର ୧୫ରେ ଲିଙ୍ଗ ପରିବର୍ତ୍ତନ କରି ଐଶ୍ୱର୍ଯ୍ୟା ଋତୁପର୍ଣ୍ଣା ପ୍ରଧାନ ନାମରେ ପରିଚିତ ହେଲେ। ସେବେଠାରୁ ସେ ନିଜ ବେଶ ପୋଷାକ ପରିବର୍ତ୍ତନ କରି ସାରରୁ ମ୍ୟାଡାମ ହୋଇଛନ୍ତି। ସୁପ୍ରିମକୋର୍ଟ ଧାରା ୩୭୭ରେ ସଂଶୋଧନ କରି ସମଲିଙ୍ଗୀ ସମ୍ପର୍କକୁ ଆଇନସମ୍ମତ ଘୋଷଣା କରିବା ପରେ ସେ ଏହାକୁ ସ୍ୱାଗତ କରିଛନ୍ତି। ନିଜ ପୁରୁଷ ବନ୍ଧୁଙ୍କ ସହ ଦୀର୍ଘଦିନ ହେଲା ଲିଭ୍ ଇନ୍ ରିଲେଶନଶିପ୍‌ରେ ଥିଲେ ମଧ୍ୟ ସେ ଆନୁଷ୍ଠାନିକ ଭାବେ ତାଙ୍କୁ ବିବାହ କରିପାରୁ ନ ଥିଲେ। ଏବେ ସୁପ୍ରିମକୋର୍ଟଙ୍କ ଐତିହାସିକ ନିଷ୍ପତ୍ତି ପରେ ସେ ବିବାହ ନିଷ୍ପତ୍ତି ନେଇଛନ୍ତି ବୋଲି କହିଛନ୍ତି। ଦେଶର ପ୍ରଥମ ସିଭିଲ୍ ସର୍ଭିସ ଅଫିସର ଭାବେ ସୁପ୍ରିମକୋର୍ଟଙ୍କ ନିଷ୍ପତ୍ତି ପରେ ସେ ଲିଙ୍ଗ ପରିବର୍ତ୍ତନ କରିଥିଲେ। ଏ ସମ୍ପର୍କରେ ପ୍ରଥମେ ଧରିତ୍ରୀରେ ଖବର ପ୍ରକାଶ ପାଇଥିଲା। ସୁପ୍ରିମକୋର୍ଟଙ୍କ ଐତିହାସିକ ନିଷ୍ପତ୍ତିର ପ୍ରତୀକ ପାଲଟିଥିବା ଐଶ୍ୱର୍ଯ୍ୟା ସେବେଠାରୁ ପରିବାରରୁ ଏକ ପ୍ରକାର ବାଚ୍ଛନ୍ଦ ହୋଇଯାଇଥିବା ଦୁଃଖର ସହ ପ୍ରକାଶ କରିଛନ୍ତି। ଲିଙ୍ଗ ପରିବର୍ତ୍ତନ ପରେ ତାଙ୍କ ବାପା ଘରୁ ବାହାର କରିଦେଇଥିଲେ। ଗତ ୪ବର୍ଷ ହେଲା ସେ ପରିବାରଠାରୁ ଦୂରରେ ଅଛନ୍ତି। କିନ୍ତୁ ମା’, ଭଉଣୀ, ଭାଇ ଓ ପୁତୁରାଙ୍କ ସହ ସେ ଯୋଗାଯୋଗରେ ଥିବା କହିଛନ୍ତି। ସୂଚନାଯୋଗ୍ୟ, କନ୍ଧମାଳ ଜିଲା ଜି.ଉଦୟଗିରି ବ୍ଲକ ଅନ୍ତର୍ଗତ କନକଗୋରୀ ଗ୍ରାମର ବକିଲ ଓ ରୂପାବତୀ ପ୍ରଧାନଙ୍କ ୪ ସନ୍ତାନଙ୍କ ମଧ୍ୟରୁ ଐଶ୍ୱର୍ଯ୍ୟା(ରତିକାନ୍ତ) ହେଲେ ମଝିଆ ସନ୍ତାନ। ପାଠପଢ଼ି ଚାକିରି କରିବା ପର୍ଯ୍ୟନ୍ତ ସେ ରତିକାନ୍ତ ହୋଇ ରହିଥିଲେ। ସେ କହିଛନ୍ତି ଯେ, ଏବେ ମଧ୍ୟ ସମାଜ କିନ୍ନରଙ୍କୁ ଭିନ୍ନ ଦୃଷ୍ଟିରେ ଦେଖୁଛି। ସମାଜ ଓ ସରକାର ଦୃଷ୍ଟି ଭଙ୍ଗି ବଦଳାଇ କର୍ମସଂସ୍ଥାନ ସୁଯୋଗ ଦେଲେ ସେମାନେ ମୁଖ୍ୟସ୍ରୋତରେ ସାମିଲ ହୋଇପାରନ୍ତେ। ବିବାହ ପରେ ସେମାନଙ୍କ ଜୈବିକ ଆଗ୍ରହ ଯୌନ ଆକାଂକ୍ଷା ଆଦି ବ୍ୟକ୍ତିଗତ ବ୍ୟାପାର ହୋଇଯିବ। ସ୍ତ୍ରୀ-ସ୍ୱାମୀଙ୍କ ସମ୍ପର୍କ ସାର୍ବଜନୀନ କରିବା ଅଧିକାର ସମ୍ବିଧାନ କାହାକୁ ଦେଇନାହିଁ। ତେଣୁ ତାଙ୍କର ବୈବାହିକ ଜୀବନ ମଧ୍ୟ ସମ୍ପୂର୍ଣ୍ଣ ବ୍ୟକ୍ତିଗତ ହୋଇଯିବ। ପୂର୍ବରୁ ସେହି ସମ୍ପର୍କକୁ ୩୭୭ ଧାରାରେ ଧର୍ତ୍ତବ୍ୟ ଅପରାଧ ବିବେଚନା କରାଯାଉଥିଲା। ଯେଉଁ ବ୍ରିଟିଶମାନେ ଏହି ଆଇନ ପ୍ରଣୟନ କରିଥିଲେ ସେମାନଙ୍କ ଦେଶ କେବେଠାରୁ ୩୭୭ ଧାରାକୁ ଉଠାଇ ସାରିଛି। ଭାରତରେ ଯଦିଓ ବିଳମ୍ବ ହୋଇଛି, ତଥାପି ପରିବର୍ତ୍ତନ ପାଇଁ ସେ ସୁପ୍ରିମକୋର୍ଟଙ୍କୁ ଧନ୍ୟବାଦ ଜଣାଇଛନ୍ତି।

**ଓଏଫ୍‌ଏସ୍ ପାଇଥିବା ରାଜ୍ୟର ପ୍ରଥମ କିନ୍ନର**

- ସୁପ୍ରିମକୋର୍ଟଙ୍କ ରାୟକୁ ସ୍ୱାଗତ
- ପୁରୁଷ ବନ୍ଧୁଙ୍କ ସହ ଲିଭ୍ ଇନ ରିଲେଶନଶିପ୍‌ରେ ଅଛନ୍ତି
- ୨୦୧୫ରେ ଲିଙ୍ଗ ପରିବର୍ତ୍ତନ କରି ରତିକାନ୍ତରୁ ହୋଇଥିଲେ ଋତୁପୂର୍ଣ୍ଣା



# ଶବରପଡ଼ାର ୩୦ ପରିବାର ପାଣିଘେରରେ

ମହାକାଳପଡ଼ା, ୭।୯ (ଡି.ଏନ.ଏ.)

ଲଘୁଚାପ ଜନିତ ଲଗାଣ ବର୍ଷା ଯୋଗୁ ମହାକାଳପଡ଼ା ବ୍ଲକ ପେଟ୍‌ଛେଲା ପଞ୍ଚାୟତ ଅଧୀନ ଶବରପଡା ଆଦିବାସୀ ବହୁଳ ଗ୍ରାମର ୩୦ ପରିବାର ୩ଦିନ ଧରି ପାଣିଘେରରେ ଭୋକ ଉପାସରେ ରହିଛନ୍ତି। ଶବରପଡ଼ାକୁ ଯାତାୟାତ ପଥ ବନ୍ଦ ହୋଇଯାଇଥିବା ବେଳେ ଡଙ୍ଗା ଯୋଗେ ଲୋକମାନେ ଯା’ଆସ କରୁଛନ୍ତି। ତେବେ ଅଦ୍ୟାବଧି କୌଣସି ରାଜନେତା କିମ୍ବା ପ୍ରଶାସନ ପକ୍ଷରୁ ଏମାନଙ୍କୁ ସହାୟତା ଯୋଗାଇ ଦିଆଯାଇ ନଥିବା ବେଳେ ଶୁକ୍ରବାର ରାଷ୍ଟ୍ରୀୟ ମାନବାଧିକାର ପରିଷଦ ଓଡିଶା ଶାଖା ପକ୍ଷରୁ ଏକ ଟିମ୍ ଶବରପଡ଼ାରେ ପହଞ୍ଚିଛନ୍ତି। ଏହି ଟିମ୍‌ରେ ପରିଷଦର ସାଧାରଣ ସମ୍ପାଦିକା ସୁଜାତା ନାୟକ ଓ ସମ୍ପାଦିକା ଜ୍ୟୋସ୍ନାମୟୀ ସାହୁ ଡଙ୍ଗାରେ ପାର ହୋଇ ଶବରପଡ଼ାବାସୀଙ୍କୁ ଭେଟି ସେମାନଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ପଚାରି ବୁଝିଥିଲେ। ଏଥିସହ ୩୦ ପରିବାରକୁ ପୋଷାକ ଓ ଶୁଖିଲା ଖାଦ୍ୟ ବଣ୍ଟନ କରିଥିଲେ। ଗ୍ରାମର ଭରତ ଭକ୍ତା, ସୁଜନ ଭକ୍ତା, ଶ୍ରୀରାମ କିସ୍କୁ, ସୁଦର୍ଶନ ଭକ୍ତା, ସପନ ଭକ୍ତା, ମୁନା ମଲିକ ଓ ନରୋତ୍ତମ ନାୟକ ପ୍ରମୁଖ ଟମ୍ ସଦସ୍ୟାଙ୍କୁ ବିଭିନ୍ନ ସମସ୍ୟା ସମ୍ପର୍କରେ ଅବଗତ କରାଇଥିଲେ।



ଶବରପଡ଼ାରେ ରାଷ୍ଟ୍ରୀୟ ମାନବାଧିକାର ପରିଷଦ ଟିମ ସଦସ୍ୟା।

**ପହଞ୍ଚିଲା ରାଷ୍ଟ୍ରୀୟ ମାନବାଧିକାର ପରିଷଦ ଟିମ୍**

# ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଜଣେ ମୃତ, ୨ ଗୁରୁତର

କୁଜଙ୍ଗ/ପାରାଦୀପ,୭।୯(ସ୍ୱ.ପ୍ର)

କୁଜଙ୍ଗ ବ୍ଲକ ବଗଦିଆ ଗ୍ରାମରେ ଶୁକ୍ରବାର ବିଦ୍ୟୁତ ସଂସ୍ପର୍ଶରେ ଆସି ଜଣେ ଯୁବକଙ୍କ ମୃତ୍ୟୁ ଘଟିଥିବାବେଳେ ୨ ଜଣ ଗୁରୁତର ହୋଇଛନ୍ତି। ମୃତକ ହେଲେ ବଗଦିଆ ଗ୍ରାମର ହରେକୃଷ୍ଣ ରାଉତଙ୍କ ସାନ ପୁଅ ଅର୍ଜୁନ(୧୯)। ଅନ୍ୟ ଦୁଇ ଆହତ ହେଲେ ବାପି ସାହୁ ଓ ପ୍ରଶାନ୍ତ ସ୍ୱାଇଁ। ବିଦ୍ୟୁତ ବିଭାଗର ଖାମଖିଆଲ ନୀତି ଯୋଗୁ ଏଭଳି ଦୁର୍ଘଟଣା ଘଟିଥିବା ଅଭିଯୋଗ ହେଉଛି। ସୂଚନା ଅନୁଯାୟୀ, ଲଗାଣ ବର୍ଷା ଓ ପବନ ଯୋଗୁ ୧୧ କେଭି ବିଦ୍ୟୁତ୍ ତାର ତଳକୁ ଝୁଲି ରହିଥିଲା। ଏହି ୩ ଯୁବକ ନିଜ ବାଡି ପଟେ ଏକ ଶୋଲ ପେଟିକୁ ଭେଳା କରି ପାଣିରେ ଯାଉଥିବାବେଳେ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସିଥିଲେ। ଏଥିରେ ସେମାନେ ଗୁରୁତର ଆହତ ହୋଇଥିଲେ। ସମସ୍ତଙ୍କୁ ଅଠରବାଙ୍କୀସ୍ଥିତ ବିଜୁ ମେମୋରିଆଲ୍ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ଅର୍ଜୁନଙ୍କୁ ମୃତ ଘୋଷଣା କରିଥିଲେ। ଅନ୍ୟ ଦୁଇ ଆହତଙ୍କୁ କଟକ ବଡ଼ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଛି। ଏହି ଘଟଣାକୁ ନେଇ ଗ୍ରାମରେ ଶୋକାକୂଳ ପରିବେଶ ସୃଷ୍ଟି ହୋଇଛି। ଗ୍ରାମବାସୀ ମୃତକଙ୍କ ପରିବାରକୁ କ୍ଷତିପୂରଣ ଓ ଆହତଙ୍କ ଚିକିତ୍ସା ଖର୍ଚ୍ଚ ବିଦ୍ୟୁତ ବିଭାଗ ବହନ କରୁ ବୋଲି ଦାବି କରିଛନ୍ତି।

# ଲୁଟ୍ ଉଦ୍ୟମ କରି ଡ୍ରାଇଭରଙ୍କୁ ହତ୍ୟା ଘଟଣା: ମୁଖ୍ୟ ଅଭିଯୁକ୍ତ ଗିରଫ

କଳିଙ୍ଗନଗର,୭।୯(ଡି.ଏନ୍.ଏ)

ଯଖପୁରା ଥାନା ଅନ୍ତର୍ଗତ ଭିସା ଓ ଜିନ୍ଦଲ କାରାଖାନା ଦେଇ ଯାଇଥିବା କମନ କରିଡର ରାସ୍ତାରେ ଗତ ୪ତାରିଖ ଜଣେ ଡ୍ରାଇଭରଙ୍କଠାରୁ ଲୁଟ୍ ଉଦ୍ୟମ କରାଯାଇ ତାଙ୍କୁ ହତ୍ୟା କରାଯାଇଥିଲା। ଏହି ହତ୍ୟାକାଣ୍ଡର ମୁଖ୍ୟ ଅଭିଯୁକ୍ତଙ୍କୁ ପୋଲିସ ଶୁକ୍ରବାର ଗିରଫ କରିଛି। ଅଭିଯୁକ୍ତ ଜଣକ ମାନପୁର ସୁଆଁଳ ଅଞ୍ଚଳର ରଞ୍ଜନ କୁମାର ରାଉତ(୧୯)। ପ୍ରକାଶ ଯେ, ସୁକିନ୍ଦା ଥାନା ଅନ୍ତର୍ଗତ ଯାମୁପଶି ଗ୍ରାମର ଶୁକଦେବ ଧଳଙ୍କ ପୁଅ ସନ୍ତୋଷ(୩୬) ଗତ ୩ତାରିଖ ରାତିରେ ଏକ ୧୨ଚକିଆ ଗାଡି ଯୋଗେ ଘରକୁ ଫେରୁଥିଲେ। ୪ତାରିଖ ରାତି ୧୧ଟାରେ ଜିନ୍ଦଲ କାରାଖାନା ପାଖରେ ଥିବା କମନ କରିଡର ରାସ୍ତାରେ ଗାଡିରୁ ବାହାରକୁ ଯିବା ସମୟରେ ୩ଜଣ ଦୁର୍ବୃତ୍ତ ଆସି ସମୟ ପଚାରିଥିଲେ। ସେ ସମୟ ଦେଖିବା ବେଳେ ହଠାତ ରଞ୍ଜନଙ୍କ ସମେତ ଅନ୍ୟ ୨ଜଣ ଦୁର୍ବୃତ୍ତ ତାଙ୍କ ମୋବାଇଲ ସହ ପାଖରେ ଥିବା କିଛି ଟଙ୍କା ଝାମ୍ପି ନେବାକୁ ଚେଷ୍ଟା କରିଥିଲେ। ସନ୍ତୋଷ ଓ ଖଲାସି ଦୁର୍ବୃତ୍ତଙ୍କୁ ବିରୋଧ କରିବାରୁ ସେମାନେ ପ୍ରଥମେ ଖଲାସିଙ୍କୁ ପଥର ଦ୍ୱାରା ଆକ୍ରମଣ କରିବାରୁ ସେ ସ୍ଥାନ ଛାଡି ପଳାଇ ଯାଇଥିଲେ। ଦୁର୍ବୃତ୍ତମାନେ ପଥର ଦ୍ୱାରା ସନ୍ତୋଷଙ୍କ ତଳିପେଟକୁ ବାରମ୍ବାର ଆଘାତ କରିବା ଦ୍ୱାରା ସେଠାରେ ସେ ଅଚେତ ହୋଇ ପଡିଯାଇଥିଲେ। ରାସ୍ତାରେ ଯାଉଥିବା କେତେଜଣ ଯୁବକ ସନ୍ତୋଷଙ୍କୁ ଦାନଗଦୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଯଖପୁରା ଥାନା ପକ୍ଷରୁ ଏ ନେଇ ଏକ ମାମଲା (୬୪/୧୮) ରୁଜୁ କରାଯାଇ ତଦନ୍ତ ଚାଲିଥିଲା। ରଞ୍ଜନଙ୍କୁ ଘଟଣାସ୍ଥଳ ନିକଟରେ ଥିବା ଏକ ଝୁମ୍ପୁଡି ବସ୍ତିରୁ ଗିରଫ କରାଯାଇଥିଲା। ଫେରାର ୨ ଅଭିଯୁକ୍ତଙ୍କୁ ଖୁବଶୀଘ୍ର ଗିରଫ କରାଯିବ ବୋଲି କଳିଙ୍ଗନଗର ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ରାଜକିଶୋର ଦୋରା କହିଛନ୍ତି।










୩।୯
3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ-ତଥାଗତ ସତପଥୀ



ଯେଉଁ ଧନକୁ ତୁମେ ଜମା କରି ରଖ, ତାହା ତୁମର ନୁହେଁ। ଯାହାକୁ ତୁମେ ବିତରଣ କରିଛ ତାହାହିଁ ତୁମର। ଯେଉଁ ସମ୍ପଦକୁ ତୁମେ ଲୁଚାଇ ରଖିଛ ତାହା ତୁମର ହୋଇ ନ ପାରେ।

- ସତ୍ୟସାଇ ବାବା



## ସଂକ୍ଷେପରେ

### ଜିଲା ଭାଜପା ଯୁବମୋର୍ଚ୍ଚା କମିଟି ଗଠିତ

**ଯାଜପୁର ଅଫିସ,୭।୯:** ଭାଜପା ଜିଲା ସଭାପତି ଗୌତମ ରାୟ ଓ ରାଜ୍ୟ ସଭାପତି ବସନ୍ତ ପଣ୍ଡାଙ୍କ ଅନୁମୋଦନ କ୍ରମେ ଜିଲା ସଭାପତି ଆଲେକଜାଣ୍ଡାର ଦାସ ୨୯ ଜଣିଆ ଯାଜପୁର ଜିଲା ଭାଜପା ଯୁବମୋର୍ଚ୍ଚା କମିଟି ଘୋଷଣା କରିଛନ୍ତି। ଏଥିରେ ଯାଜପୁର ସୌମ୍ୟରଞ୍ଜନ ଧଳ ଓ ଧର୍ମଶାଳାର ଆର୍ଯ୍ୟଅର୍ପଣ ପରିଡା ସାଧାରଣ ସମ୍ପାଦକ, ସୁକିନ୍ଦାର ରବୀନ୍ଦ୍ର ପୁହାଣ, ବରୀର ଜ୍ୟୋତିର୍ମୟ ନାୟକ, ଦଶରଥପୁରର ପ୍ରଜ୍ଞାରଞ୍ଜନ ତ୍ରିପାଠୀ ଓ ବଡଚଣାର ଦୀପକ କୁମାର ସାମଲ ଉପସଭାପତି, ସୁଜନପୁରର ଦିବ୍ୟରଞ୍ଜନ ସାହୁ, ଉବୁରୀର ଗୋଲଖ ଦେଓ, ଯାଜପୁରର ସତ୍ୟଜିତ ସ୍ୱାଇଁ ଓ ବଡଚଣାର ମନୋଜ କୁମାର ପ୍ରଧାନ ସମ୍ପାଦକ ଏବଂ ବିଞ୍ଝାରପୁରର ଦିନେଶ ସାମଲ କୋଷାଧକ୍ଷ ଭାବେ ମନୋନୀତ ହୋଇଛନ୍ତି। କୁଆଖିଆର ଶୁଭାଶିଷ ମହାନ୍ତି ମିଡିଆ ପ୍ରଭାରୀ ହୋଇଥିବାବେଳେ ହୃଷିକେଶ ମେକାପ, ସବ୍ୟସାଚି ଦାସ, ଅଭିଜିତ ମହାପାତ୍ର, ବିଭୁପ୍ରସାଦ ରାଉତ, ମନୋଜ ରାଉତ, ପ୍ରମୋଦ ଦ୍ୱିବେଦୀ, ଆଶୁତୋଷ ପଲେଇ, ସିଦ୍ଧାର୍ଥ ବିଶ୍ୱାଳ, ଜ୍ୟୋତିପ୍ରକାଶ ସାମଲ, ସତ୍ୟରଞ୍ଜନ ନାୟକ, ତ୍ରିନାଥ ସାହୁ, ଆକାଶ ରାଉତ, ରଶ୍ମିରଞ୍ଜନ ରାଉତ, ଦୀପକ କୁମାର ଭଞ୍ଜ, ରଶ୍ମିରଞ୍ଜନ ବେହୁରା ଓ ଜିତେନ୍ଦ୍ର ବେହେରା କାର୍ଯ୍ୟକାରୀ ସଭ୍ୟ ଭାବେ ମନୋନୀତ ହୋଇଛନ୍ତି। ଏହାବାଦ ମେକ ଇନ ଇଣ୍ଡିଆ ପାଇଁ ବିଶ୍ୱନାଥ ପଣ୍ଡା, ଡିଜିଟାଲ ଇଣ୍ଡିଆ ସୁଶାନ୍ତ କୁମାର ସାହୁ, ସୋସିଆଲ ମିଡିଆ ବିଜୟ ବୋଇତାଇ, ମନୋଜ ମହାନ୍ତି, ସ୍କିଲ ଇଣ୍ଡିଆ ଦ୍ୱାରିକାନାଥ ସାମଲ, ସ୍ୱଚ୍ଛ ଭାରତ ବିକ୍ରମ ବିଶ୍ୱାଳ, କଲେଜ ସତ୍ୟରଞ୍ଜନ ସାମଲ, ଆଇ ସପୋର୍ଟ ମୋଦି ଦିଲୀପ କୁମାର ରାଉତ ଓ ମିଲେନିୟମ ଭୋଟର ପାଇଁ ଲକ୍ଷ୍ମୀଧର ଜେନା ସଂଯୋଜକ ଭାବେ ରହିଛନ୍ତି। ସୁଶାନ୍ତ ପ୍ରଧାନ, ସୀତାକାନ୍ତ ପାତ୍ର ଓ ନେତ୍ରାନନ୍ଦ ପାତ୍ରଙ୍କୁ ସ୍ୱତନ୍ତ୍ର ଅତିଥି (ଇଭାଇଟି) ଭାବେ ନିଆଯାଇଛି। ଅଗାମୀ ଦିନରେ କଳିଙ୍ଗନଗର ଶିଳ୍ପାଞ୍ଚଳରେ ସ୍ଥାନୀୟ ନିଯୁକ୍ତିକୁ ନେଇ ଜୋରଦାର ଆନ୍ଦୋଳନ କରାଯିବ ବୋଲି ଯୁବମୋର୍ଚ୍ଚା ସଭାପତି ଆଲୋକଜାଣ୍ଡାର ଦାସ ସୂଚନା ଦେଇଛନ୍ତି।

### ବର୍ଷାରେ ଭାଙ୍ଗିଲା ଅସହାୟାଙ୍କ ଘର

**କୋରେଇ,୭।୯(ସ୍ୱ.ପ୍ର):** କୋରେଇ ବ୍ଲକ ବାରୁଣ୍ଡେଇ ପଞ୍ଚାୟତ ଅନ୍ତର୍ଗତ ବରୁଣ୍ଡେଇ ଗ୍ରାମର ୪ନଂ ୱାର୍ଡ଼ରେ ରହୁଥିବା ଅସହାୟା ମହିଳା ମମତା ନାୟକଙ୍କ ଘରଟି ଲଗାଣ ବର୍ଷା ଯୋଗୁ ବୁଧବାର ରାତିରେ ସମ୍ପୂର୍ଣ୍ଣ ଭାଙ୍ଗିଯାଇଛି। ମମତା ସ୍ୱାମୀ ପରିତ୍ୟକ୍ତା ହୋଇଥିବା ବେଳେ ତାଙ୍କର ୨ ପୁଅ ଓ ଜଣେ ଝିଅ ଅଛନ୍ତି। ସେ ଅନ୍ୟ ଘରେ କାମ କରି ଜୀବିକା ନିର୍ବାହ।।ର ବରୁଣ୍ଡେଇ ସରପଞ୍ଚ ସୌଭାଗ୍ୟ ମହାନ୍ତି ଓ ଆସିଷ୍ଟାଣ୍ଟ ରାଜସ୍ୱ ନିରୀକ୍ଷକ ରଶ୍ମିତା ସେଠୀ ଘଟଣାସ୍ଥଳରେ ପହଞ୍ଚି ମମତାଙ୍କୁ ଆର୍ଥିକ ସହାୟତା, ଜରିପାଲ, ଶୁଖିଲା ଖାଦ୍ୟ ପ୍ରଦାନ କରିଥିବା ଜଣାପଡ଼ିଛି। ସରପଞ୍ଚ ମହାନ୍ତି ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ମମତାଙ୍କୁ ଏକ ଆବାସ ତୁରନ୍ତ ପ୍ରଦାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି ଓ ଅନ୍ୟାନ୍ୟ ସରକାରୀ ସୁବିଧା ପାଇଁ ବିଡ଼ିଓଙ୍କ ପାଖରେ ଦାବି କରିବେ ବୋଲି ପ୍ରକାଶ କରିଛନ୍ତି।

### ଜାତୀୟ ପୁଷ୍ଟି ସପ୍ତାହ ପାଳିତ

**କାଳିଆପାଣି, ୭।୯(ଡି.ଏନ୍.ଏ.):** ଚଳିତ ମାସ ୧ରୁ ୭ ମଧ୍ୟରେ ଜାତୀୟ ପୁଷ୍ଟି ଦିବସ ପାଳିତ ହେଉଥିବା ବେଳେ କାଳିଆପାଣି କ୍ରୋମାଇଟ ଖଣି ଅଞ୍ଚଳରେ କାର୍ଯ୍ୟକରୁଥିବା ଇମ୍ଫା କମ୍ପାନୀର ଇଲା ପଣ୍ଡା ଫାଉଣ୍ଡେଶନ ପକ୍ଷରୁ କଂସ ପଞ୍ଚାୟତ ସରୁଆବିଲ ଗୋଷ୍ଠୀକେନ୍ଦ୍ରଠାରେ ଗୁରୁବାର ଜାତୀୟ ପୁଷ୍ଟି ଦିବସ ପାଳିତ ହୋଇଯାଇଛି। ସୁକିନ୍ଦା ସିଡ଼ିପିଓ ତିଲୋତ୍ତମା ମହାପାତ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇ କାର୍ଯ୍ୟକ୍ରମର ଉଦ୍ଘାଟନ କରିଥିବାବେଳେ ଫାଉଣ୍ଡେଶନ ଉପନିର୍ଦ୍ଦେଶକ ସୁକାନ୍ତ ଉପାଧ୍ୟାୟ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଏହି ଅବସରରେ ମହାପାତ୍ର ଗର୍ଭବତୀ ମହିଳାଙ୍କୁ ଗର୍ଭସଞ୍ଚାରଠାରୁ ୨ ବର୍ଷ ୬ ମାସ ପର୍ଯ୍ୟନ୍ତ ପିଲା ଓ ନିଜର ଯତ୍ନ ନେବା ସହ ପୁଷ୍ଟିକର ଖାଦ୍ୟ ଖାଇବାକୁ ପରାମର୍ଶ ଦେଇଥିଲେ। ଏଥିସହ ଆଶାକର୍ମୀ, ସ୍ୱାସ୍ଥ୍ୟକର୍ମୀ, ଅଙ୍ଗନୱାଡ଼ି କର୍ମୀ ଓ ଡ଼ାକ୍ତରଙ୍କ ସହ ପରାମର୍ଶ କରି ଔଷଧ ଠିକ୍ ସମୟରେ ବ୍ୟବହାର କରିବାକୁ ଉପସ୍ଥିତ ମହିଳାଙ୍କୁ ଉପଦେଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ କଂସ ପଞ୍ଚାୟତର ୨ ଶହରୁ ଊର୍ଦ୍ଧ୍ୱ ମହିଳା ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସୁକିନ୍ଦା ଆଇସିଡ଼ିଏସ ସୁପରଭାଇଜର, କମ୍ପାନୀ ପ୍ରଶାସନିକ ଅଧିକାରୀ ଶୁଭାଶିଶ ପଟ୍ଟନାୟକ, ଜଗନ୍ମୋହନ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ। ଲୋକସମ୍ପର୍କ ଅଧିକାରୀ ମିଳନ ରଞ୍ଜନ କରଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଥିବାବେଳେ ଅଂଶୁମାନ ମହାପାତ୍ର, ହେମଲାତା ମହାନ୍ତ ପରିଚାଳନାରେ ସହଯୋଗ କରିଥିଲେ।

■ ବ୍ଲକ୍‌ଗ୍ରାଣ୍ଟ ଶିକ୍ଷକଙ୍କ ତାଲା ବନ୍ଦ ଆନ୍ଦୋଳନ

# ବିକଳ୍ପ ଚିନ୍ତାରେ ଅଭିଭାବକ

ରସୁଲପୁର,୭।୯(ଡିଏନଏ)

ବ୍ଲକ ଗ୍ରାଣ୍ଟ ଶିକ୍ଷକଙ୍କ ତାଲା ବନ୍ଦ ଆନ୍ଦୋଳନ ପିଲାଙ୍କ ବହିବସ୍ତାନୀରେ ଡୋରି ବନ୍ଧା ହୋଇଛି। ପିଲାମାନେ ଘରୋଇ ଶିକ୍ଷା ଉପରେ ନିର୍ଭର କରିବାକୁ ବାଧ୍ୟ ହେଉଛନ୍ତି। ବିଦ୍ୟାଳୟରେ ପାଠପଢା ବନ୍ଦ ହୋଇଯାଇଥିବାରୁ ପିଲାମାନେ ଟିଉସନ୍‌ରେ ପାଠ ପଢିବା ରାସ୍ତାକୁ ଆପଣେଇ ନେଇଥିବା ଲକ୍ଷ୍ୟ କରାଯାଉଛି। ଏଭଳି ହେବା ଦ୍ୱାରା ସରକାର ଓ ଶିକ୍ଷକମାନେ ଘରୋଇ ଶିକ୍ଷାକୁ ବନ୍ଦ କରିବା ବଦଳରେ ଏହାକୁ ପ୍ରୋତ୍ସାହନ ଦେଉଛନ୍ତି। ଏହାଦ୍ୱାରା ଅଭିଭାବକମାନେ ଆର୍ଥିକ ବୋଝର ଶିକାର ହୋଇଛନ୍ତି। ଆର୍ଥିକ ଅନଗ୍ରସର ପରିବାରର ପିଲାଙ୍କ ପାଠ ପଢା ବନ୍ଦ ହୋଇଯିବା ଭଳି ପରିସ୍ଥିତି ଉପୁଜିଛି। ଏହାକୁ ନେଇ ବିଭିନ୍ନ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ଫଳରେ ପିଲାଙ୍କ ପରୀକ୍ଷା ଓ ଭବିଷ୍ୟତକୁ ନେଇ ଅଭିଭାବକମାନେ ଚିନ୍ତାରେ ପଡିଯାଇଛନ୍ତି। ପିଲାଙ୍କ ଭବିଷ୍ୟତକୁ ନେଇ କେତେଜଣ ଅଭିଭାବକ ଟ୍ୟୁଶନକୁ ବିକଳ୍ପ ରାସ୍ତା ଭାବେ ବାଛି ନେଇଥିବା ବେଳେ ଆଉ କେତେଜଣଙ୍କ ପାଠପଢ଼ା ଅଧାରେ ଅଟକି ଯିବାଭଳି ପରିସ୍ଥିତି ଉପୁଜୁଛି। ପିଲାଙ୍କ ଶିକ୍ଷା ଅଧିକାର ଉଲ୍ଲଂଘନ ହେଉଛି ବୋଲି ବୁଦ୍ଧିଜୀବୀଙ୍କ ମହଲରେ ମତ ପ୍ରକାଶ ପାଇଛି।

ଚଳିତ ଶିକ୍ଷାବର୍ଷଠାରୁ ସରକାର ପିଲାଙ୍କୁ ନୂଆ ଫର୍ମାଟରେ ପାଠପଢା ଆରମ୍ଭ କରିଛନ୍ତି। ଶିକ୍ଷକଙ୍କ ଆନ୍ଦୋଳନକୁ ନେଇ ସରକାର ଓ ଶିକ୍ଷକ ସଂଗଠନ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ଉପୁଜିଛି। ଶିକ୍ଷକ ସଂଗଠନ ଦାବିକୁ ନେଇ ଜିଦ୍‌ରେ ଅଟଳ ଥିବା ବେଳେ ସରକାର କଠୋର ଆଭିମୁଖ୍ୟ ଗ୍ରହଣ କରିଛନ୍ତି। ଏହା ମଧ୍ୟରେ ୨୦ଦିନ ବିତିଲାଣି। ବ୍ଲକ ଗ୍ରାଣ୍ଟ ଶିକ୍ଷକମାନେ ପାଠପଢାରୁ ବିରତ ରହିଛନ୍ତି। ଏହି ଅବଧି ମଧ୍ୟରେ ପାଠପଢା ସମ୍ପୂର୍ଣ୍ଣ ଠପ୍ ହୋଇଯାଇଛି। ଶିକ୍ଷାଦାନ ଦୟନୀୟ ଅବସ୍ଥା ଦେଖି କେତେକ ଅଭିଭାବକ ବିକଳ୍ପ ଚିନ୍ତାରେ ଅଛନ୍ତି। ଏହିକ୍ରମରେ ବ୍ଲକର ୧୭ଟି ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଉଜ୍ଜ୍ୱଳ ଓ ଉତ୍ଥାନ ଭଳି ଯୋଜନା ଆରମ୍ଭ କରିଛନ୍ତି।

■ ମୁଣ୍ଡ ଉପରେ ଷାଣ୍ମାସିକ ପରୀକ୍ଷା

■ ଟ୍ୟୁଶନ ମାଧ୍ୟମରେ ଶିକ୍ଷାଦାନ ପାଇଁ ବାଧ ହେଉଛନ୍ତି ଅଭିଭାବକ

■ ପରୋକ୍ଷରେ ଘରୋଇ ଶିକ୍ଷାକୁ ଦିଆଯାଉଛି ପ୍ରୋତ୍ସାହନ

ଏହି ଯୋଜନା ଜରିଆରେ ଛାତ୍ରୀଛାତ୍ରଙ୍କ ଦକ୍ଷତା ଅନୁଯାୟୀ ବର୍ଗୀକରଣ କରାଯିବ। ଏହି କାର୍ଯ୍ୟକ୍ରମ ସରିବା ପରେ ପିଲାଙ୍କୁ ମୂଳ ପାଠ୍ୟକ୍ରମ ସମ୍ପର୍କରେ ପାଠପଢା ଆରମ୍ଭ ହେବ। ଶିକ୍ଷକଙ୍କର ଆନ୍ଦୋଳନ ଯୋଗୁ ସରକାରଙ୍କ ନୂତନ ଶିକ୍ଷାନୀତି କାର୍ଯ୍ୟକାରୀ ହେବାରେ ବାଧା ଉପୁଜୁଛି। ପିଲାଙ୍କ ମୁଣ୍ଡ ଉପରେ ଷାଣ୍ମାସିକ ପରୀକ୍ଷା। ଏଯାବତ୍ ପିଲାଙ୍କର ମୂଳ ପାଠ୍ୟକ୍ରମ ଆରମ୍ଭ ହୋଇ ନାହିଁ। ଶତାଧିକ ବିଦ୍ୟାର୍ଥୀ କେମିତି ପରୀକ୍ଷା ଦେବେ ସେଥିପ୍ରତି କାହାରି ନଜର ନାହିଁ। ଏ ସବୁ ବିଦ୍ୟାଳୟରେ ମାସିକିଆ ଦକ୍ଷତା ପରୀକ୍ଷା ଆୟୋଜନ ହେବାରେ ବାଧା ସୃଷ୍ଟି ହୋଇଛି। ଏହାଛଡା ବ୍ଲକ ଗ୍ରାଣ୍ଟ ଉଚ୍ଚ ବିଦ୍ୟାଳୟ ପିଲାମାନେ ବିଶେଷ କ୍ଷତିଗ୍ରସ୍ତ ହେବାର ସମ୍ଭାବନା ଉପୁଜୁଛି। ଏହି ବ୍ଲକରେ ଥିବା ୧୯ଟି ବ୍ଲକ ଗ୍ରାଣ୍ଟ ଉଚ୍ଚ ବିଦ୍ୟାଳୟରେ ତାଲା ଖୁଲିବା ପରେ ପିଲାଙ୍କ ପାଠପଢାରେ ବ୍ୟାଘାତ ସୃଷ୍ଟି ହୋଇଛି। ଚଳିତବର୍ଷ ମାଟ୍ରିକ ପରୀକ୍ଷା ଦେବାକୁ ଥିବା ଛାତ୍ରୀଛାତ୍ରଙ୍କ କ୍ୟାରିଅର ପ୍ରଭାବିତ ହେବ ବୋଲି କୁହାଯାଉଛି। ଆସନ୍ତାବର୍ଷଠାରୁ ମାଟ୍ରିକ୍ ପରୀକ୍ଷା ନୂଆ ଫର୍ମାଟରେ କରିବାକୁ ସରକାର ପ୍ରସ୍ତୁତ ହେଲେଣି। ଉକ୍ତ ପରୀକ୍ଷାରେ ଓଏମଆର ବ୍ୟବସ୍ଥାକୁ ଉଚ୍ଛେଦ କରାଯାଇ ପୁରୁଣା ପଦ୍ଧତିରେ ପରୀକ୍ଷା କରାଯିବା ପାଇଁ ଘୋଷଣା କରାଯାଇଛି। ଏହାଦ୍ୱାରା ପିଲାଙ୍କର ଦକ୍ଷତାରେ ବୃଦ୍ଧି ଘଟିବ। ପୂର୍ବରୁ ଚାଲୁଥିବା ପରୀକ୍ଷା ବ୍ୟବସ୍ଥାରେ ପିଲାମାନେ ସଂକ୍ଷିପ୍ତ ପ୍ରଶ୍ନର ଉତ୍ତର ଦେଇ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେଉଥିଲେ। ଅନେକ ପିଲା ବିସ୍ତୃତ ପ୍ରଶ୍ନପତ୍ରକୁ ଛାଡି ଦେଉଥିବା ଦେଖାଯାଇଥିଲା। ଏହାଦ୍ୱାରା ପିଲାଙ୍କର ଗୁଣବତ୍ତା ଶିକ୍ଷା ପଦ୍ଧତିରେ ବାଧା ଉପୁଜୁଥିଲା। ଏ ସବୁ ଦିଗକୁ ବିଚାର କରି ସରକାର ପରୀକ୍ଷାକୁ ପଦ୍ଧତିକୁ ପୁରୁଣା ଢାଞ୍ଚାରେ କରିବାକୁ ସ୍ଥିର କରିଛନ୍ତି। ଏଥି ସକାଶେ ଚଳିତ ବର୍ଷଠାରୁ ନବମ ଶ୍ରେଣୀ ଛାତ୍ରୀଛାତ୍ରଙ୍କୁ ନୂଆ ପରୀକ୍ଷା ପଦ୍ଧତି ଅନୁସାରେ ପିଲାଙ୍କୁ ତାଲିମ ଦିଆଯିବ। ଶିକ୍ଷକଙ୍କ ଆନ୍ଦୋଳନ ଯୋଗୁ ଏ ସବୁଥିରେ ବାଧା ଉପୁଜୁଛି। ଶିକ୍ଷାକୁ ମୌଳିକ ଅଧିକାର ପରିସରଭୁକ୍ତ କରାଯାଇଛି। କେହି ଜଣେ ହେଲେ ଶିକ୍ଷାରୁ ବଞ୍ଚିତ ହେବ ନାହିଁ। ସେଥିପାଇଁ ସରକାର ବିଭିନ୍ନ ଯୋଜନା ପ୍ରସ୍ତୁତ କରିଛନ୍ତି। ହେଲେ ସରକାର ଓ ଶିକ୍ଷକଙ୍କ ଲଢେଇ ଯୋଗୁ ପିଲାଙ୍କର ମୌଳିକ ଅଧିକାର ଖୋଲାଖୋଲି ଭାବରେ ଉଲ୍ଲଂଘନ ହେଉଛି। ଏ ଦିଗରେ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନାହିଁ। ମାଟ୍ରିକ ପରୀକ୍ଷାରେ ବ୍ଲକଗ୍ରାଣ୍ଟ ଛାତ୍ରୀଛାତ୍ରଙ୍କର ଖରାପ ପ୍ରଦର୍ଶନ ହେଲେ ସେଥିପାଇଁ ସରକାର ଓ ଶିକ୍ଷକମାନେ ଦାୟୀ ରହିବେ ବୋଲି ଅଭିଭାବକ ମହଲରେ ମତ ପ୍ରକାଶ ପାଇଛି।

### ଭାସିଯାଇଥିବା ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର

ରସୁଲପୁର,୭।୯(ଡିଏନଏ)

ରସୁଲପୁର ବ୍ଲକ ଅନ୍ତର୍ଗତ ଓଡିଶୋ ପଞ୍ଚାୟତ ଅରତି-କୁସୁନପୁର ଗ୍ରାମର ଆଦିବାସୀ ବସ୍ତିର ବୃଦ୍ଧ ଯୁଜିଆ ମୁଣ୍ଡା(୫୫) ଗୁରୁବାର ଅପରାହ୍ନରେ ଶିକାର କରିବାକୁ ଯାଇ ବ୍ରାହ୍ମଣୀ ନଦୀରେ ଭାସିଯାଇ ନିଖୋଜ ହୋଇଯାଇଥିଲେ। ଦିନକ ପରେ ଶୁକ୍ରବାର ଅପରାହ୍ନରେ ତାଙ୍କ ମୃତଦେହ ଉଦ୍ଧାର କରାଯାଇଛି। ଏ ସମ୍ପର୍କରେ କୁଆଖିଆ ଥାନା ପୋଲିସ ଖବରପାଇ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଛି। ପୋଲିସ ଏ ସମ୍ପର୍କରେ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ-୫/୧୮) ରୁଜୁ କରିଛି। ଯୁଜିଆ ଗାଁ ଯୁବକଙ୍କ ସହ ମିଶି ବ୍ରାହ୍ମଣୀ ନଦୀ କୁଦକୁ ଶିକାର କରିବାକୁ ଯାଇଥିଲେ। ଅନ୍ୟମାନେ ନଦୀପାର ହୋଇ କୂଳକୁ ଆସିଥିଲେ। ମାତ୍ର ଯୁଜିଆ ନଦୀର ପ୍ରଖର ସ୍ରୋତରେ ଭାସି ଯାଇ ନିଖୋଜ ହୋଇଯାଇଥିଲେ। ବହୁ ଖୋଜାଖୋଜି ପରେ ତାଙ୍କୁ ଉଦ୍ଧାର କରାଯାଇ ପାରି ନ ଥିଲା। ବାରବାଟୀ ପଞ୍ଚାୟତର ପଦ୍ମପୁର ଗ୍ରାମ ଛନ୍ଦା ନିକଟରେ ଏକ ମୃତଦେହ ଭାସୁଥିବାର ଲୋକେ ଦେଖିବାକୁ ପାଇଥିଲେ। ଦମକଳ ବାହିନୀ ମୃତଦେହକୁ ଉଦ୍ଧାର କରି ପାଣି ଉପରକୁ ଆଣିଥିଲେ। ମୃତଦେହ ବେକରେ ଥିବା ଲକେଟକୁ ଦେଖି ଆଦିବାସୀ ବସ୍ତିର ଲୋକେ ତାଙ୍କୁ ଯୁଜିଆ ବୋଲି ଚିହ୍ନଟ କରିଥିଲେ।

## ରୋଟାରୀ କ୍ଲବ କଳିଙ୍ଗନଗରର ଅଧିଷ୍ଠାନ ଉତ୍ସବ



ନବ ନିର୍ବାଚିତ ରୋଟାରୀ କ୍ଲବର ସଦସ୍ୟମାନେ।

ଯାଜପୁରରୋଡ଼,୭।୯(ନି.ପ୍ର)

ରୋଟାରୀ କ୍ଲବ କଳିଙ୍ଗନଗରର ଅଧିଷ୍ଠାନ ଉତ୍ସବ ସ୍ଥାନୀୟ ଏକ ହୋଟେଲରେ ବୁଧବାର ଅନୁଷ୍ଠିତ ହୋଇଥିଲା। ଏହି ଉତ୍ସବରେ ମୁଖ୍ୟଅତିଥି ରୂପେ ଭବାନୀ ପ୍ରସାଦ ଚୌଧୁରୀ, ମୁଖ୍ୟବକ୍ତା ଭାବେ ଶିବବ୍ରତ ଦାସ, ସମ୍ମାନିତ ଅତିଥି ଭାବେ ସୌମ୍ୟରଞ୍ଜନ ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ। ଏହି ଉତ୍ସବରେ ସୁଦୀପ୍ତ କୁମାର ମିଶ୍ର ଅଧ୍ୟକ୍ଷତା କରିଥିଲେ। ଅତିଥିମାନେ ରୋଟାରୀ କ୍ଲବର ଆଭିମୁଖ୍ୟ ଓ ଜନସେବା ସମ୍ପର୍କରେ ଅବଗତ କରାଇଥିଲେ। କମଳଲୋଚନ ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ଚଳିତ ବର୍ଷ ପାଇଁ ନିର୍ବାଚନ କରାଯାଇଥିଲା। ସଭାପତି ସଂଗ୍ରାମ କେଶରୀ ପଟ୍ଟନାୟକ, ସମ୍ପାଦକ ଲୋକନାଥ ରାଉତ, ଉପସଭାପତି ମହେନ୍ଦ୍ର କୁମାର ପଣ୍ଡା, କୋଷାଧକ୍ଷ ଦିନେଶ ସାହୁ, ସହସମ୍ପାଦକ ଆନ୍ତର୍ଜାତୀକ ସମ୍ପର୍କ ବିଭାଗ ଶିବାନନ୍ଦ ନାୟକ, କାର୍ଯ୍ୟନିର୍ବାହୀ ସମ୍ପାଦକ ସୁଦୀପ୍ତ କୁମାର ମିଶ୍ର, ସର୍ଜେଣ୍ଟ ଆର୍ମସ ସୂର୍ଯ୍ୟକାନ୍ତ ମିଶ୍ର, ପତ୍ରିକା ସମ୍ପାଦକ ପ୍ରଶାନ୍ତ କୁମାର ବିଶ୍ୱାଳ, ପ୍ରଶାସନ ନିର୍ଦ୍ଦେଶକ କମଳଲୋଚନ ସାହୁ, ସଭ୍ୟ ଉନ୍ନୟନ ନିର୍ଦ୍ଦେଶକ ସୁଶାନ୍ତ କୁମାର ବରାଳ, ସେବା ପ୍ରକଳ୍ପ ନିର୍ଦ୍ଦେଶକ ଅଚ୍ୟୁତାନନ୍ଦ ମହାନ୍ତି, ଲୋକସମ୍ପର୍କ ନିର୍ଦ୍ଦେଶକ ସତୀଶ ଜେନା, କ୍ଲବ ଫାଉଣ୍ଡେଶନ ନିର୍ଦ୍ଦେଶକ ପରମେଶ୍ୱର ଦାସ, ଆରସିସି ପ୍ରଶାନ୍ତ କୁମାର ପରିଡ଼ା, କ୍ଲବ ପ୍ରଶିକ୍ଷକ ଅକ୍ଷୟ କୁମାର ପତି ପ୍ରମୁଖ ଚଳିତ ବର୍ଷ ପାଇଁ କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ପୂର୍ବତନ ସଭାପତି ପ୍ରଦୀପ୍ତ କୁମାର ମିଶ୍ର, ନୂତନ ସଭାପତି ସଂଗ୍ରାମ କେଶରୀ ପଟ୍ଟନାୟକଙ୍କୁ ଦାୟିତ୍ୱ ହସ୍ତାନ୍ତର କରିଥିଲେ। ଏହି ଅବସରରେ କ୍ଲବ ପକ୍ଷରୁ ଏକ ସ୍ମରଣିକା ପ୍ରକାଶ ପାଇଥିଲା। କ୍ଲବ ତରଫରୁ ଦକ୍ଷିଣପଶି ଗ୍ରାମର ଆଦିବାସୀ ମେଧାବୀ ଛାତ୍ରୀ ଲକ୍ଷ୍ମୀ ପିଙ୍ଗୁଆଙ୍କୁ ସମ୍ବର୍ଦ୍ଧିତ କରାଯିବା ସହ ୫ ହଜାର ଟଙ୍କା ପ୍ରଦାନ କରାଯାଇଥିଲା।

## 'ଇଭିଏମ୍ ସହ ଭିଭିପାଟର ସଂଯୋଗ ହେବ'

ଯାଜପୁର ଅଫିସ,୭।୯

ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ସମ୍ମିଳନୀ ଗୃହରେ ଶୁକ୍ରବାର ଆଗାମୀ ନିର୍ବାଚନ ସମ୍ପର୍କରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଅଧ୍ୟକ୍ଷତା କରି ଜିଲାପାଳ ରଞ୍ଜନ କୁମାର ଦାସ ବିଗତ ସମସ୍ତ ନିର୍ବାଚନ ଅପେକ୍ଷା ଆଗାମୀ ନିର୍ବାଚନ ଅନନ୍ୟ ଓ ଆହ୍ୱାନପୂର୍ଣ୍ଣ ହେବ ବୋଲି କହିଥିଲେ। ଏହାସହ ନିର୍ବାଚନ କାର୍ଯ୍ୟରେ ଅବହେଳାକୁ ବରଦାସ୍ତ କରାଯିବ ନାହିଁ। ବିଶେଷ କରି ଇଭିଏମ ସହ ଭିଭିପାଟର ସଂଯୋଗ ଏବଂ ଅନ୍ୟାନ୍ୟ ବୈଷୟିକ ଜ୍ଞାନର ଉପଯୋଗ ଏହାକୁ ଅଧିକ ସମ୍ବେଦନଶୀଳ କରିବ। ତେଣୁ ପ୍ରତ୍ୟେକ ଅଧିକାରୀ ଓ କର୍ମଚାରୀ ଏଥିପାଇଁ ନିଜକୁ ପ୍ରସ୍ତୁତ ରଖିବାକୁ ସେ ପରାମର୍ଶ ଦେଇଥିଲେ। ବର୍ତ୍ତମାନ ଇଭିଏମଗୁଡିକର ପ୍ରଥମ ପର୍ଯ୍ୟାୟ ଯାଞ୍ଚ ଆରମ୍ଭ ହୋଇଯାଇଛି। ପ୍ରତ୍ୟେକ ସରକାରୀ, ବେସରକାରୀ ଶିକ୍ଷାନୁଷ୍ଠାନଗୁଡ଼ିକୁ କର୍ମଚାରୀଙ୍କ ତାଲିକା ମଗାଯାଇଛି। କାର୍ଯ୍ୟରତ ପ୍ରତ୍ୟେକଙ୍କ ତାଲିକା ସମ୍ପୃକ୍ତ ଡିଡିଓମାନେ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଅତୀତରେ ପିଙ୍କ ବୁଥ ମାଧ୍ୟମରେ ମହିଳାଙ୍କୁ ନିର୍ବାଚନ ପରିଚାଳନାରେ ପ୍ରୟୋଗ କରାଯାଇ ଥିବାରୁ ଆଗାମୀ ନିର୍ବାଚନରେ ୨ଟି ଯାକ ପୌରାଞ୍ଚଳ ଓ ବ୍ଲକ ସଦର ମହକୁମାରେ ମହିଳାଙ୍କୁ ଉପଯୋଗ କରାଯିବ ବୋଲି ସୂଚନା ଦେଇଥିଲେ। ବିଡିଓମାନେ ସେକ୍ଟର, ସେକ୍ଟର ଅଫିସରଙ୍କ ନାମ ଯୋଗଯୋଗ ନମ୍ବର ତୁରନ୍ତ ପ୍ରଦାନ ସହ ସମ୍ବେଦନଶୀଳ ବୁଥଗୁଡିକରେ ତାଲିକା ସମ୍ପୃକ୍ତ ତହସିଲଦାର, ଆଇଆଇସିଙ୍କ ସହ ଯୋଗଯୋଗ କରି ଜଣାଇବାକୁ ନିର୍ଦ୍ଦେଶ ଦେଇଥିଲେ। ରୁଟଚାର୍ଟ ପ୍ରସ୍ତୁତ ସହ ସେହି ବୁଥଗୁଡ଼ିକୁ ଯୋଗାଯୋଗର ସ୍ଥିତି ଅନୁଧ୍ୟାନ ଓ ଆବଶ୍ୟକସ୍ଥଳେ ରାସ୍ତା ବ୍ୟବସ୍ଥା, ଯୋଗାଯୋଗ ପ୍ଲାନ, ସିସି ଟିଭି ଆଦି ତାଲିକା ପ୍ରଦାନ କରିବେ। ପିଙ୍କ ବୁଥ ଭଳି ଯେଉଁଠାରେ ସର୍ବାଧିକ ଦିବ୍ୟାଙ୍ଗ ଭୋଟର ରହୁଛନ୍ତି ତାଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ସହ ସେମାନଙ୍କୁ ଉତ୍ସାହିତ କରିବାକୁ ଦିବ୍ୟାଙ୍ଗ ନିର୍ବାଚନ ଅଧିକାରୀ କର୍ମଚାରୀଙ୍କୁ ନିୟୋଜିତ କରାଯିବ ବୋଲି ଦାସ ସୂଚନା ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରକଳ୍ପ ନିର୍ଦ୍ଦେଶକ ବ୍ରଜଗୋପାଳ ଆଚାର୍ଯ୍ୟ, ଉପଜିଲାପାଳ ନାରାୟଣଚନ୍ଦ୍ର ଧଳ, ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ଇନ୍ଦ୍ରମଣି ନାୟକ, ନିର୍ବାଚନ ଡେପୁଟୀ କଲେକ୍ଟର କାଜଲ ପ୍ରଧାନ, ଅତିରିକ୍ତ ଏସପି ଅକ୍ଷୟ କୁମାର ଦାସ, ଏସଡିପିଓ ପ୍ରଶାନ୍ତ କୁମାର ମଲ୍ଲ ପ୍ରମୁଖ ସାମିଲ ଥିଲେ। ପୂର୍ବରୁ ଜିଲାରେ ୧୬୪୯ଟି ବୁଥ ରହିଥିବାବେଳେ ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶକ କ୍ରମେ ବୁଥଗୁଡିକର ପୁର୍ନଗଠନ କରାଯାଇଛି। ସର୍ବାଧିକ ୧୪୦୦ ଲେଖାଏଁ ଭୋଟର ଗୋଟିଏ ବୁଥରେ ରହିବେ ବୋଲି ନିଷ୍ପତ୍ତି ହୋଇଛି। ତେଣୁ ଏହି ପ୍ରକ୍ରିୟାକୁ କାର୍ଯ୍ୟକାରୀ କରିବା ପରେ ୪୧ବୁଥ ଅନ୍ୟ ବୁଥରେ ମିଶିଥିବାବେଳେ ୧୧ଟି ବୁଥ ଯୋଗ କରାଯାଇଛି। ବର୍ତ୍ତମାନ ତାହା ୧୬୧୯ ବୁଥରେ ପହଞ୍ଚିଛି ବୋଲି ଜିଲାପାଳ ଦାସ ଅବଗତ କରାଯାଇଥିଲେ।

■ ଅନନ୍ୟ, ଆହ୍ୱାନପୂର୍ଣ୍ଣ ହେବ ଆଗାମୀ ନିର୍ବାଚନ

■ ପୌରାଞ୍ଚଳ, ବ୍ଲକ ସଦର ମହକୁମାରେ ପିଙ୍କ ବୁଥ କରାଯିବ

### ୧୦୨ ୟୁନିଟ ରକ୍ତ ସଂଗ୍ରହ

କଳିଙ୍ଗନଗର,୭।୯(ଡି.ଏନ.ଏ)

ଯାଜପୁର ଜିଲା ପୋଲିସ ପକ୍ଷରୁ ଶୁକ୍ରବାର ଟମକା ଥାନାରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ସମୁଦାୟ ୧୦୨ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା। କଳିଙ୍ଗନଗର ଆରକ୍ଷୀ ଅଧିକ୍ଷକ ରାଜକିଶୋର ଦୋରା ଶିବିରକୁ ଉଦଘାଟନ କରିଥିଲା ବେଳେ ଦାନଗଦୀ ପଞ୍ଚାୟତ ସମିତି ଅଧ୍ୟକ୍ଷା ଲୋପାମୁଦ୍ରା ନାୟକ, ଜିଲାପରିଷଦ ସଭ୍ୟ ପ୍ରତାପ କୁମାର ଧୀର, ଥାନାଧିକାରୀ ରାଜେନ୍ଦ୍ର ପଟ୍ଟନାୟକ, ତହସିଲଦାର ବୁଲୁ ବେହେରା ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ।

■ ଯାଜପୁରରେ ଜାତୀୟ ପୁଷ୍ଟି ସପ୍ତାହ ପାଳିତ

## ନାରୀ ନିଜ ପ୍ରତି ନିଜେ ଅବହେଳା କରୁଛି

ଯାଜପୁର ଅଫିସ,୭।୯

ଜିଲା ସମାଜ କଲ୍ୟାଣ ବିଭାଗ ପକ୍ଷରୁ ଗୁରୁବାର ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲାସ୍ତରୀୟ ଜାତୀୟ ପୁଷ୍ଟି ସପ୍ତାହ ପାଳିତ ହୋଇଛି। ଜିଲା ସମାଜ କଲ୍ୟାଣ ଅଧିକାରୀ ଅମିତା ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଜିଲାପାଳ ରଞ୍ଜନ କୁମାର ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରତ୍ୟେକ ପରିବାରରେ ନାରୀ ନିଜ ପ୍ରତି ନିଜେ ଅତ୍ୟାଚାର ଓ ଅବହେଳା କରିଥାଏ ବୋଲି କହିଥିଲେ। ବାର ଅନୁସାରେ ବିବିଧ ପୂଜା, ଉପାସ ଇତ୍ୟାଦି କରି ପୁଷ୍ଟିକର ଖାଦ୍ୟରୁ ନିଜକୁ ଦୂରେଇ ଦିଅନ୍ତି। ମାତ୍ର ସେମାନେ ଏତିକି ବୁଝିବା ଆବଶ୍ୟକ ଯେ, ସେ ଖାଦ୍ୟାଭାବରୁ ଯେଉଁ ଅସୁସ୍ଥତା ଓ ଅସୁବିଧାର ସମ୍ମୁଖୀନ ହୁଏ ସେଥିରେ ଉଭୟ ଆର୍ଥିକ ଓ ମାନସିକ ଭାବେ ପରିବାରଟି କ୍ଷତିଗ୍ରସ୍ତ ହୁଏ। ଗର୍ଭବତୀ ମା'ର ଖାଦ୍ୟ, ଚିକିତ୍ସା ମଧ୍ୟ ତଦନୁରୂପ ହେଲେ ଗର୍ଭସ୍ଥ ଶିଶୁ ସହ ମା' ମଧ୍ୟ ସୁସ୍ଥ ଓ ସମାଜ ପାଇଁ ମୂଲ୍ୟବାନ ସାବ୍ୟସ୍ତ ହୋଇପାରିବ। ଛୋଟ ଛୋଟ ଭିଡିଓ ମାଧ୍ୟମରେ ମା'ମାନଙ୍କୁ ଏଥିପାଇଁ ସଚେତନ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ଜିଲାପାଳ ଦାସ ପରାମର୍ଶ ଦେଇଥିଲେ। ପ୍ରକଳ୍ପ ନିର୍ଦ୍ଦେଶକ ବ୍ରଜଗୋପାଳ, ଅତିରିକ୍ତ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ରୁଦ୍ର ପ୍ରତାପ କର ବିଭିନ୍ନ ପୁଷ୍ଟିକର ଖାଦ୍ୟ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ କୃତୀ ପ୍ରତିଯୋଗୀଙ୍କୁ ଅତିଥି ପୁରସ୍କୃତ କରିଥିଲେ।

ଫୁଲୁଛି ବୈତରଣୀ

## ଆଖୁଆପଦାରେ ବିପଦସଙ୍କେତ ଉପରେ ବନ୍ୟାଜଳ

**ଯାଜପୁର ଅଫିସ,୭।୯:** ବୈତରଣୀ ନଦୀ ଯାଜପୁର ଜିଲା ଆଖୁଆପଦାଠାରେ ଜଳପତ୍ତନ ବୃଦ୍ଧି ପାଇବାରେ ଲାଗିଛି। ଶୁକ୍ରବାର ଅପରାହ୍ନ ୩ଟା ସୁଦ୍ଧା ଏହାର ବିପଦସଙ୍କେତ ୧୭.୮୩ ମିଟର ଊର୍ଦ୍ଧ୍ୱରେ ୧୮.୧ ମିଟରରେ ବନ୍ୟାଜଳ ପ୍ରବାହିତ ହେଉଛି। ପ୍ରତି ସେକେଣ୍ଡରେ ୮୧୫୧୨ କ୍ୟୁସେକ ବନ୍ୟାଜଳ ପ୍ରବାହିତ ହେଉଛି। ଫଳରେ ଏହାର ତଳମୁଣ୍ଡ ଯାଜପୁର, ଦଶରଥପୁର ଓ ବିଞ୍ଝାରପୁର ଅଞ୍ଚଳରେ ବନ୍ୟା ପରିସ୍ଥିତି ଗମ୍ଭୀର ହୋଇଛି। ପ୍ରାୟ ୨୫ହଜାର ହେକ୍ଟର ଜମି ବନ୍ୟା ଜଳରେ ବୁଡିଯାଇଛି। ଚାଷୀଙ୍କ ଧାନଚାଷ ମଧ୍ୟ କ୍ଷତିଗ୍ରସ୍ତ ହୋଇଥିବା ସୂଚନା ମିଳିଛି। ଏହାବାଦ ଜିଲାରେ ଶୁକ୍ରବାର ପୂର୍ବାହ୍ନ ୯ଟା ସୁଦ୍ଧା ଗତ ୨୪ ଘଣ୍ଟା ମଧ୍ୟରେ ଜିଲାରେ ହରାହାରି ୮୨.୯୫ ମିମି ବର୍ଷା ରେକର୍ଡ କରାଯାଇଛି। ଏଥିରେ ବିଞ୍ଝାରପୁରରେ ସର୍ବାଧିକ ୧୨୯ ମିମି ବର୍ଷା ହୋଇଥିବାବେଳେ ଯାଜପୁରରେ ୧୧୧ ମିମି, ଦଶରଥପୁରରେ ୧୨୧ ମିମି, କୋରେଇରେ ୯୯.୨ ମିମି, ଦାନଗଦିରେ ୯୯ ମିମି, ସୁକିନ୍ଦାରେ ୮୦ ମିମି, ରସୁଲପୁରରେ ୪୩.୮ ମିମି, ଧର୍ମଶାଳାରେ ୫୪ ମିମି, ବଡଚଣାରେ ୩୬ ମିମି ଓ ବରୀରେ ୫୬.୫ ମିମି ବର୍ଷା ରେକର୍ଡ କରାଯାଇଛି।



### ପାଟପୁର ଘାଇବନ୍ଧରେ ଫାଟ

**ବିରଜାକ୍ଷେତ୍ର,୭।୯(ଡି.ଏନ୍.ଏ):** ଦଶରଥପୁର ବ୍ଲକ ଜୟନ୍ତରା ପଞ୍ଚାୟତସ୍ଥିତ ପାଟପୁରଠାରେ ବୈତରଣୀ ନଦୀର ମୁଖ୍ୟ ବନ୍ଧରେ ଫାଟ ସୃଷ୍ଟି ହୋଇଛି। ଫଳରେ ବ୍ଲକ ଅଞ୍ଚଳବାସୀ ଆତଙ୍କିତ ହୋଇପଡ଼ିଛନ୍ତି। ଏ ସମ୍ପର୍କରେ ଖବରପାଇ ଜଳସମ୍ପଦ ବିଭାଗ କନିଷ୍ଠ ଯନ୍ତ୍ରୀ ଶୁକ୍ରବାର ଘଟଣାସ୍ଥଳରେ ପହଞ୍ଚି ଫାଟ ମରାମତି ପାଇଁ ଉଦ୍ୟମ ଜାରି ରଖିଛନ୍ତି। ସୂଚନାଯୋଗ୍ୟ, ଗତ ୨୦୧୪ ଅଗଷ୍ଟରେ ବୈତରଣୀ ନଦୀ ମୁଖ୍ୟ ବନ୍ଧର ଏହି ସ୍ଥାନରେ ଫାଟ ସୃଷ୍ଟି ହୋଇଥିଲା। ଘାଇ ମରାମତି ପାଇଁ ଜଳସମ୍ପଦ ବିଭାଗ ପକ୍ଷରୁ କୋଟି କୋଟି ଟଙ୍କା ଖର୍ଚ୍ଚ ହୋଇଥିଲା। ଦଶରଥପୁର ବ୍ଲକ୍‌ର ପ୍ରାୟ ୨୦ ପଞ୍ଚାୟତରେ ବ୍ୟାପକ କ୍ଷୟକ୍ଷତି ହୋଇଥିଲା। ପୁନଶ୍ଚ ଫାଟ ସୃଷ୍ଟି ହେବାରୁ ଘାଇ ମରାମତି ନେଇ ଅଞ୍ଚଳବାସୀ ପ୍ରଶ୍ନ ଉଠାଇଛନ୍ତି। ବୈତରଣୀ ନଦୀରେ ଜଳସ୍ତର ବୃଦ୍ଧି ପାଉଥିବାରୁ ଘାଇ ଉପରେ ତୀକ୍ଷ୍ଣ ନଜର ଦେବାକୁ ଅଞ୍ଚଳବାସୀଙ୍କ ପକ୍ଷରୁ ଜଳସମ୍ପଦ ତଥା ଜିଲା ପ୍ରଶାସନ ନିକଟରେ ଦାବି କରାଯାଇଛି।



### ଜଳବନ୍ଦୀଙ୍କ ନିକଟରେ ପହଞ୍ଚିଲା ପ୍ରଶାସନ

**ବିଞ୍ଝାରପୁର,୭।୯(ଡି.ଏନ.ଏ):** ଗତ ବର୍ଷାରେ ବିଞ୍ଝାରପୁର ବ୍ଲକର ଅଧିକାଂଶ ଅଞ୍ଚଳ ପାଣି ଘେରରେ ରହିଥିବା ବେଳେ ମୁଖ୍ୟତ ଟିଣା, କପିଳା, ଜରୀ, ବାଙ୍ଗରା, ଆଉଁରୀ, ରଣପୁର, ହଳଦୀଡିଅ ସିଂହପୁର,ଫତେପୁର,ବାଛୋଳ,କଲ୍ୟାଣପୁର,ମାଁସଡା,ବରପଦା,ଆଦି ଅଞ୍ଚଳ ବହୁତ ପ୍ରଭାବିତ ହୋଇଛି। ଏହି ସବୁ ଅଞ୍ଚଳରେ ଶତାଧିକ ଲୋକଙ୍କ ଘର ଭାଙ୍ଗିଯାଇଥିବା ବେଳେ ଲୋକେ ଏବେ ସ୍ଥାନୀୟ ସ୍କୁଲ ଓ ବାତ୍ୟା ଆଶ୍ରୟସ୍ଥଳରେ ଆଶ୍ରୟ ନେଇଛନ୍ତି। ବିଞ୍ଝାରପୁର ବ୍ଲକ ପ୍ରଶାସନ ପକ୍ଷରୁ ୧୯ଟି ସ୍ଥାନରେ ଅସହାୟ ପରିବାରକୁ ରନ୍ଧାଖାଦ୍ୟ ଯୋଗାଇ ଦିଆଯାଉଛି। ଶୁକ୍ରବାର ପୂର୍ବାହ୍ନରେ ବିଧାୟିକା ପ୍ରମିଳା ମଲ୍ଲିକ ଓ ବ୍ଲକ ଅଧ୍ୟକ୍ଷ ନନ୍ଦକିଶୋର ସାମଲ ବର୍ଷାଜନିତ ପ୍ରଭାବିତ ହୋଇଥିବା ଗ୍ରାପଗୁଡିକରେ ପହଞ୍ଚି ଜଳବନ୍ଦୀ ଲୋକଙ୍କୁ ଭେଟିବା ସହିତ ସେମାନଙ୍କ ସମସ୍ୟା ପଚାରି ବୁଝିଛନ୍ତି। ପ୍ରଶାସନ ପକ୍ଷରୁ ଏହି ସବୁ ସ୍ଥାନରେ ଜଳସ୍ତର ନ କମିବା ପର୍ଯ୍ୟନ୍ତ ରନ୍ଧାଖାଦ୍ୟ, ସ୍ୱଚ୍ଛ ପିଇବା ପାଣିର ବ୍ୟବସ୍ଥା କରିବା ଦିଗରେ ବିଧାୟିକା ମଲ୍ଲିକ ବ୍ଲକ ପ୍ରଶାସନକୁ ପରାମର୍ଶ ଦେଇଛନ୍ତି। ଅନ୍ୟପକ୍ଷରେ ଏହି ବର୍ଷା ତାଣ୍ଡବରେ ବିଞ୍ଝାରପୁର ଅଞ୍ଚଳରେ ଘର ଭୁଶୁଡି ପଡିଥିବା ଲୋକଙ୍କୁ ସରକାରୀ ସହୟତା ଯୋଗାଇ ଦେବାକୁ ଦାବି ହୋଇଛି।

### ଡାହାଣହତା ପଞ୍ଚାୟତ: ୨୫୦ ହେକ୍ଟର ଚାଷଜମି ଜଳମଗ୍ନ

**ବିରଜାକ୍ଷେତ୍ର,୭।୯(ଡି.ଏନ୍.ଏ.):** ପ୍ରବଳ ବର୍ଷା ଯୋଗୁ ଦଶରଥପୁର ବ୍ଲକ ଡାହାଣହତା ପଞ୍ଚାୟତରେ ବ୍ୟାପକ କ୍ଷତି ହୋଇଛି। ପଞ୍ଚାୟତର ପ୍ରାୟ ୨୫୦ ହେକ୍ଟର ଚାଷଜମି ବର୍ଷାଜଳରେ ବୁଡ଼ିରହିଛି। ଏଥିସହ ୬ ରାଜସ୍ୱ ଗ୍ରାମ ଡାହାଣହତା, କୁଆଁସ, ଦେଓପଡ଼ା, ବଉଳାଙ୍ଗ, ବାଉଁଶବାଡ଼ି ଓ ତେନ୍ତୁଳିଡିହରେ ଚାଳଘର ଭାଙ୍ଗିଯାଇଛି। ଗ୍ରାମରାସ୍ତାଗୁଡ଼ିକ ବର୍ଷାଜଳରେ ବୁଡ଼ି ରହିବା ଯୋଗୁ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଉକ୍ତ ପଞ୍ଚାୟତ ଦେଇ ଯାଇଥିବା କେନ୍ଦୁଆ ନାଳରେ ଠିକ୍‌ଭାବେ ଜଳ ନିଷ୍କାସନ ହୋଇ ନ ପାରିବାରୁ ଏପରି ଅବସ୍ଥା ହୋଇଥିବା ଅଭିଯୋଗ ହୋଇଛି। ସରପଞ୍ଚ ଗୋବିନ୍ଦ ଜେନା, ଜିଲା ବିଜେଡି ସମ୍ପାଦକ ଅଜୟ ମହାନ୍ତି, ସମିତି ସଭ୍ୟ ବାବାଜୀ ଜେନା, ପୂର୍ବତନ ସମିତି ସଭ୍ୟଙ୍କ ପ୍ରତିନିଧି ଅଞ୍ଜନ ବାରିକ, ଦିଲୀପ ବେହେରା, ଗିରିଧାରୀ ମହାନ୍ତି, ଶୁଭଙ୍କର ପହୀ, ଫକୀର ବେହେରା ପ୍ରମୁଖ ଶୁକ୍ରବାର ମଙ୍ଗଳାଡିହଠାରେ ଏକତ୍ରିତ ହୋଇଥିଲେ। ଏଥିସହ ପ୍ରଶାସନ ପକ୍ଷରୁ କୌଣସି ସହଯୋଗ ମିଳି ନ ଥିବା କହିଥିଲେ। ଚାଷଜମିଗୁଡ଼ିକରେ ୩/୪ ଫୁଟର ପାଣି ଜମିରହିଛି। ଗତବର୍ଷ ଫାଇଲିନ୍‌ରେ କୃଷକଙ୍କୁ ମିଳିଥିବା ବୀମା ସହାୟତା ଉପରେ ପାତର ଅନ୍ତର ହୋଇଥିବା ଅଭିଯୋଗ ହୋଇଛି। ଗୋପାଳପୁରର ଚାଷୀ ୫୭% ବୀମା ସହାୟତା ପାଇଥିବାବେଳେ ଡାହାଣହତା ପଞ୍ଚାୟତର ଚାଷୀ ପ୍ରାୟ ୨୬% ବୀମା ସହାୟତା ପାଇଥିଲେ। ଏ ସମ୍ପର୍କରେ ଜିଲାପାଳ ଦୃଷ୍ଟି ଦେବାକୁ ଦାବି ହୋଇଛି।



ତୁମର କର୍ତ୍ତବ୍ୟ ଅସୀମ, କିନ୍ତୁ ତୁମ ହାତରେ ଥିବା ସମୟ ସୀମିତ। ତେଣୁ ଗୋଟିଏ ସୁଦ୍ଧା ମୁହୂର୍ତ୍ତ ନଷ୍ଟ କରନାହିଁ।
- ସେନେକା



## ସଂକ୍ଷେପରେ

### ଟ୍ରକ୍ ଧକ୍କାରେ କାର୍ ଡ୍ରାଇଭର ମୃତ

**ଦଶପଲ୍ଲା,୭।୯ (ଡି.ଏନ.ଏ.):** ଖୋର୍ଦ୍ଧା-ବଲାଙ୍ଗୀର ୫୭ ନମ୍ବର ଜାତୀୟ ରାଜପଥର ନୟାଗଡ ଜିଲା ଦଶପଲ୍ଲା ବ୍ଲକ ସୀମାନ୍ତ ତଥା ବୌଦ୍ଧ ଜିଲା ଚାରିଛକ ଥାନା ଅଧୀନ ବଦଲା ନିକଟରେ ଏକ ଟ୍ରକ୍ ଧକ୍କାରେ ଜଣେ କାର ଡ୍ରାଇଭରଙ୍କ ମୃତ୍ୟୁ ଘଟିଛି। ମୃତ ଡ୍ରାଇଭର ହେଲେ କଳାହାଣ୍ଡି ଜିଲା ଜୁନାଗଡ ଥାନା ଅଧୀନ ନାନ୍ଦୁଲ ଗ୍ରାମର କୁନା ମାଝି(୨୪)। ଗତ ଗୁରୁବାର ମଧ୍ୟରାତ୍ରରେ ବଦଲା ଠାରେ (ନଂ.ଓଡି ୦୨ ଏନ୍ ୭୭୧୧) ଇନୋଭା କାର୍‌ର ଚକାଟି ପଙ୍କଚର୍ ହୋଇଯିବାରୁ କୁନା କାରରେ ଅନ୍ୟଏକ ଚକା ଲଗାଉଥିଲେ । ଏହି ସମୟରେ ଦଶପଲ୍ଲାରୁ ଯାଉଥିବା ଏକ ଆଇଚର୍ ଟ୍ରକଟି କୁନାଙ୍କୁ ପଛପାଖରୁ ଧକ୍କାଦେଇ ରାସ୍ତା ପାର୍ଶ୍ୱକୁ ଓଲଟି ପଡିଥିଲା। ଘଟଣାସ୍ଥଳରେ କୁନାଙ୍କ ମୃତ୍ୟୁ ହୋଇଥିବା ବେଳେ ଟ୍ରକ୍ ଡ୍ରାଇଭର ଫେରାର ହୋଇ ଯାଇଥିବା ଜଣାପଡିଛି। କୁନାଙ୍କୁ ଦଶପଲ୍ଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇ ଥିବା ବେଳେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଦଶପଲ୍ଲା ପୋଲିସ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

### ଟ୍ୟାଙ୍କର ପଛରେ ପିଟିହେଲା ବାଇକ୍, ୩ ଗୁରୁତର

**ବାଲୁଗାଁ,୭।୯ (ଡ଼ି.ଏନ୍.ଏ.):** ବାଲୁଗାଁ ଥାନା ନାଭାଲ ଫାଣ୍ଡି ଅଧୀନ ୧୬ନଂ ଜାତୀୟ ରାଜପଥରେ ଶୁକ୍ରବାର ଏକ ଟ୍ୟାଙ୍କର ପଛରେ ବାଇକ୍ ଧକ୍କା ଦେବାରୁ ୩ ଜଣ ଗୁରୁତର ଆହତ ହୋଇଛନ୍ତି । ସେମାନେ ହେଲେ ବାଣପୁର ଥାନା ସାରୁବାରି ପଦରର ରତ୍ନାକର ବାରିକ, ତୋଫାନ ବିଶ୍ୱାଳ ଓ ଗଙ୍ଗାଧର ବାରିକ । ପ୍ରକାଶ ଯେ, ଜାତୀୟ ରାଜପଥର ଲଙ୍ଗଳେଶ୍ୱରଠାରେ ଏକ ମିଲିଟାରୀ ଭ୍ୟାନ୍ ଖରାପ ହୋଇ ରାସ୍ତାର ଏକ ପାର୍ଶ୍ୱରେ ଅଟକି ଥିବାରୁ ଗୋଟିଏ ପାର୍ଶ୍ୱରେ ଯାନବାହନ ଚଳାଚଳ କରୁଛି । ଶୁକ୍ରବାର ମଧ୍ୟାହ୍ନ ସମୟରେ ଭୁବନେଶ୍ୱର ଅଭିମୁଖେ ଯାଉଥିବା ଡ଼ବ୍ଲ୍ୟୁବି୪୧ସି-୭୪୦୯ ନଂ. ବିଶିଷ୍ଟ ଟ୍ୟାଙ୍କର ଉକ୍ତ ସ୍ଥାନ ଅତିକ୍ରମ କରୁଥିବାବେଳେ ବାଇକ୍‌ରେ ଆସୁଥିବା ୩ ଯୁବକ ପଛପାର୍ଶ୍ୱକୁ ଧକ୍କା ଦେଇଥିଲେ। ଗୁରୁତର ଅବସ୍ଥାରେ ସେମାନଙ୍କୁ ବାଲୁଗାଁ ଡ଼ାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ପରେ ସେମାନଙ୍କୁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଛି । ପୋଲିସ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି ।

### ଚୋରି ଷ୍ଟ୍ରିଟ୍ ଲାଇଟ୍ ଜବତ

**ରଣପୁର,୭।୯ (ସ୍ୱ.ପ୍ର.):** ରଣପୁର ଏନ୍ଏସିରୁ ଚୋରି ହୋଇଥିବା ଷ୍ଟ୍ରିଟ୍ ଲାଇଟକୁ ଶୁକ୍ରବାର ପୋଲିସ ଜବତ କରିଛି। ଆଲୋକୀକରଣ କରିବା ପାଇଁ ରଣପୁର ଏନ୍ଏସିର ୧୫ ୱାର୍ଡର ବିଭିନ୍ନ ବିଦ୍ୟୁତ୍ ଖୁଣ୍ଟରେ ଏଲଇଡି ଷ୍ଟ୍ରିଟ୍ ଲାଇଟ ଲଗାଯାଇଛି । କିଛିଦିନ ତଳେ ବ୍ରଜବଲ୍ଲଭପୁର ୱାର୍ଡର ୩ଟି ଖୁଣ୍ଟରୁ ଏହି ଲାଇଟ ଚୋରି ହୋଇଥିଲା। ଏହା ସହିତ ରାସ୍ତାପାର୍ଶ୍ୱ ଏକ ଜଳଖିଆ ଦୋକାନ ବେଞ୍ଚଟିକୁ କେହି ଦୁର୍ବୃତ୍ତ ଚୋରିକରି ନେଇଥିଲେ। ଦୋକାନୀ ସନ୍ଦେହରେ ନୂଆଗାଁର ଜଣେ ନାବାଳକଙ୍କୁ ପଚାରିବାରୁ ସେ ବେଞ୍ଚ ନୁହେଁ ବିଦ୍ୟୁତ୍ ଖୁଣ୍ଟରେ ଲାଗିଥିବା ଷ୍ଟ୍ରିଟ୍ ଲାଇଟ୍ ନେଇଥିବା ପ୍ରକାଶ କରିଥିଲା। ଏହି କାମରେ ତାକୁ ବ୍ରଜବଲ୍ଲଭପୁର ଗ୍ରାମର ଜଣେ ନାବାଳକ ସାହାଯ୍ୟ କରିଥିବା ପ୍ରକାଶ କରିଥିଲା। ପରେ ଲୋକମାନେ ଏ ସଂକ୍ରାନ୍ତରେ ରଣପୁର ଥାନାରେ ଜଣାଇଥିଲେ । ପୋଲିସ ନାବାଳକ ଦ୍ୱୟଙ୍କୁ ଥାନାକୁ ଆଣି ପଚାରଉଚରା କରିବାରୁ ସେମାନେ ଖୋର୍ଦ୍ଧା ଜିଲା ଅଚ୍ୟୁତପୁର ପାଇକସାହିରେ ଲାଇଟ୍ ବିକିଥିବା କହିଥିଲେ। ପୋଲିସ ସେମାନଙ୍କୁ ସାଙ୍ଗରେ ଧରି ପାଇକସାହିରୁ ୩ଟି ଷ୍ଟ୍ରିଟ୍ ଏଲଇଡି ଲାଇଟ୍ ଜବତ କରିଥିଲା। ଖବର ଲେଖାହେବା ପର୍ଯ୍ୟନ୍ତ ଏ ନେଇ ରଣପୁର ଥାନାରେ କୌଣସି ଲିଖିତ ଅଭିଯୋଗ ହୋଇନାହିଁ।

### ବିଦାୟକାଳୀନ ସମ୍ବର୍ଦ୍ଧନା

**ଦଶପଲ୍ଲା,୭।୯(ଡି.ଏନ.ଏ.):** ଦଶପଲ୍ଲା ସଚେତନଶୀଳ ନାଗରିକ ମଞ୍ଚ ପକ୍ଷରୁ ଶୁକ୍ରବାର ନୟାଗଡ ଆରକ୍ଷୀ ଉପଖଣ୍ଡ ଅଧିକାରୀ(ଏସ୍‌ଡିପିଓ) ଜୟରାମ ଶତପଥୀଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଦଶପଲ୍ଲା ଥାନା ପରିସରରେ ଅନୁଷ୍ଠିତ ଉତ୍ସବରେ ତହସିଲଦାର ପ୍ରମୋଦ କୁମାର ଦଳବେହେରା, ଥାନା ଅଧିକାରୀ ବିଶ୍ୱଜିତ୍ ରାଉତରାୟ, ଏନଏସି ନିର୍ବାହୀ ଅଧିକାରୀ ଶଚ୍ଚିଦାନନ୍ଦ ଶତପଥୀ ,ଏନଏସି ଅଧ୍ୟକ୍ଷା ବବିତା ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଏସ୍‌ଡିପିଓ ଶତପଥୀଙ୍କ ମୟୂରଭଞ୍ଜ ଜିଲାକୁ ଆଡିଶନାଲ ଏସ୍‌ପି ଭାବେ ପଦୋନ୍ନତି ହୋଇଛି।

## ■ ଲଗାଣ ବର୍ଷା ହେଲା କାଳ

# ଭାଙ୍ଗିଲା ଘର, ଗଛ ପଡ଼ି ରାସ୍ତା ଅବରୋଧ



ଭାଙ୍ଗିଯାଇଥିବା କୃପାସିନ୍ଧୁ ସାହୁଙ୍କ ଘର ।



ରାସ୍ତା ଉପରେ ଭାଙ୍ଗିପଡିଛି ଗଛ।

**ନୟାଗଡ଼ ଅଫିସ,୭।୯**

ଲଘୁଚାପ ପ୍ରଭାବରେ ବୁଧବାର ଓ ଗୁରୁବାର ଜିଲାରେ ଲଗାଣ ବର୍ଷା ହୋଇଥିଲା। ଫଳରେ ପ୍ରବଳ ବର୍ଷା ଯୋଗୁ ଜିଲାର ବିଭିନ୍ନ ଜମିରେ ପାଣି ଜମି ରହିଥିବା ବେଳେ ଅନେକ ସ୍ଥାନରେ କାନ୍ଥ ଭୁଶୁଡି ଘର ଭାଙ୍ଗି ଯାଇଛି। ସେହିଭଳି କିଛି ସ୍ଥାନରେ ମଧ ଗଛ ପଡ଼ି ରାସ୍ତା ଅବରୋଧ ହୋଇଛି। ଶୁକ୍ରବାର ସକାଳେ ଅଳ୍ପ ବର୍ଷା ହୋଇଥିବା ବେଳେ ଏହା ପରେ ଆଉ ବର୍ଷାର ପ୍ରଭାବ ଦେଖିବାକୁ ମିଳି ନ ଥିଲା। ସେହିଭଳି ଲଗାଣ ବର୍ଷାକୁ ଦୃଷ୍ଟିରେ ରଖି ଜିଲାପାଳ ଡ. ଏନ୍ ତିରୁମାଲା ନାୟକ ଶୁକ୍ରବାର ଗୋଟିଏ ଦିନ ପାଇଁ ସମସ୍ତ ସ୍କୁଲ ଛୁଟି ଘୋଷଣା କରିଥିଲେ ।

**ବର୍ଷାକୁ ଦେଖି ସମସ୍ତ ସ୍କୁଲ ଛୁଟି ଘୋଷଣା କଲେ ଜିଲାପାଳ**

ଗୁରୁବାର ସକାଳ ୮ଟାରୁ ଶୁକ୍ରବାର ସକାଳ ୮ଟା ପର୍ଯ୍ୟନ୍ତ ଜିଲାରେ ୫୩୧ ମିଲିମିଟର ବର୍ଷା ହୋଇଥିବା ରେକର୍ଡ କରାଯାଇଛି। ନୂଆଗାଁ ବ୍ଲକରେ ସର୍ବାଧିକ ୯୬.୩ ମିଲିମିଟର ବର୍ଷା ହୋଇଥିବା ବେଳେ ରଣପୁରରେ ସର୍ବନିମ୍ନ ୩୬.୨ ମିଲିମିଟର ବର୍ଷା ହୋଇଥିଲା। ଭାପୁର ବ୍ଲକରେ ୬୭.୪ ମିମି, ଦଶପଲ୍ଲାରେ ୮୫.୬ ମିମି, ଗଣିଆରେ ୯୭ ମିମି, ଖଣ୍ଡପଡ଼ାରେ ୫୦.୬ ମିମି, ନୟାଗଡ଼ରେ ୫୫.୨ ମିମି ଓ ଓଡ଼ଗାଁ ବ୍ଲକରେ ୪୨.୭ ମିଲିମିଟର ବର୍ଷା ରେକର୍ଡ କରାଯାଇଛି। ବର୍ଷା ଯୋଗୁ ନୟାଗଡ଼ ବ୍ଲକ ନଡ଼ିଆଳି ପଞ୍ଚାୟତ ନଡ଼ିଆଳି ଗ୍ରାମର କିଛି ଲୋକଙ୍କ ଘର ଭାଙ୍ଗି ଯାଇଥିବା ବେଳେ ଆଉ କିଛି ଲୋକଙ୍କ କାନ୍ଥ ଭୁଶୁଡ଼ି ଯାଇଥିଲା। ନଡ଼ିଆଳି ଗ୍ରାମର କୃପାସିନ୍ଧୁ ସାହୁ ଓ କୁଳମଣି ସାହୁ ଉଭୟଙ୍କ ଘର ବର୍ଷାରେ ଭାଙ୍ଗି ଯାଇଛି। ଦୁଇ ଭାଇଙ୍କ ପରିବାର ଲୋକେ ଟାଇଲ ଘରେ ରହୁଥିବା ବେଳେ ଦୁଇଦିନ ବର୍ଷା ଓ ପବନ ହେବା ଯୋଗୁ ଉପର ଟାଇଲ ଉଡିଯିବା ସହ ଘର ଭାଙ୍ଗି ଯାଇଥିଲା। ଫଳରେ ବର୍ତ୍ତମାନ ଦୁଇ ପରିବାର ଚାଳଘରେ ରହୁଛନ୍ତି। ସେହିଭଳି ହାଲୁରୀ ସାହୁଙ୍କ ଘରର କାନ୍ଥ ମଧ ଭୁଶୁଡ଼ି ପଡ଼ିଛି। କୃପାସିନ୍ଧୁ ଶୋଇଥିବା ବେଳେ ରାତିରେ ଘର ଭାଙ୍ଗିବା ଶବ୍ଦ ହେବାରୁ ସେ ପଳାଇ ଆସୁଥିବାବେଳେ ସାମାନ୍ୟ ଆହତ ହୋଇଛନ୍ତି। ପରିବାରର ଅନ୍ୟ ସଦସ୍ୟ ଅନ୍ୟ ଘରେ ଥିବାରୁ କୌଣସି କ୍ଷତି ହୋଇନାହିଁ। ସେହିଭଳି କୌଣସି ସରକାରୀ ଅଧିକାରୀ କିମ୍ବା କର୍ମଚାରୀ ଘଟଣାସ୍ଥଳକୁ ପରିଦର୍ଶନରେ ଯାଇ ନ ଥିବା ଜଣାପଡ଼ିଛି। ଅନ୍ୟପକ୍ଷେ ନଡ଼ିଆଳି ଗ୍ରାମକୁ ଯାଇଥିବା ରାସ୍ତାର ପ୍ରଧାନଦେଇପୁର ବିଦ୍ୟାଳୟ ଆଗରେ ଏକ ବରଗଛ ପଡ଼ି ରାସ୍ତା ଅବରୋଧ ହୋଇଯାଇଛି। ସକାଳେ ନୟାଗଡ଼ ଦମକଳ ବାହିନୀ ଘଟଣାସ୍ଥଳକୁ ଯାଇ ଗଛ କାଟିବା ପାଇଁ ଚେଷ୍ଟା କରିଥିଲେ ମଧ ଏଥିରେ ସଫଳ ହୋଇପାରି ନ ଥିଲେ। ରିପୋର୍ଟ ଲେଖା ହେବା ସୁଦ୍ଧା ଗଛ ପଡ଼ି ରାସ୍ତା ଅବରୋଧ ରହିଛି, ଫଳରେ ଏହି ବାଟ ଦେଇ ଯାଉଥିବା ୫ ଖଣ୍ଡ ଗ୍ରାମର ଲୋକମାନେ ଯାତାୟାତରେ ଅସୁବିଧାର ସମ୍ମୁଖୀନ ହୋଇଛନ୍ତି।

## ଭାଇବୋହୂଙ୍କୁ ମରଣାନ୍ତକ ଆକ୍ରମଣ ମାମଲା

# ଦେଢ଼ଶୁର ଓ ଯାଆଙ୍କୁ ୩ ବର୍ଷ ୫ମାସ ଜେଲ୍

**ନୟାଗଡ଼ ଅଫିସ,୭।୯**

ଏକ ପାରିବାରିକ କଳହକୁ ନେଇ ଭାଇବୋହୂଙ୍କୁ ମରଣାନ୍ତକ ଆକ୍ରମଣ ମାମଲାର ବିଚାର କରି ମହିଳା ଅଦାଲତର ବିଚାରପତି ଉଭୟ ଦେଢ଼ଶୁର ଓ ଯାଆଙ୍କୁ ୩ବର୍ଷ ୫ମାସ ଜେଲଦଣ୍ଡାଦେଶ ଶୁଣାଣି କରିଛନ୍ତି। ଅଭିଯୁକ୍ତ ଦ୍ୱୟ ହେଲେ ନାରାୟଣ ସାହୁ ଓ ତାଙ୍କ ସ୍ତ୍ରୀ ମାନସୀ ସାହୁ। ମାମଲାରୁ ପ୍ରକାଶ ଯେ, ନୟାଗଡ଼ ଜିଲା ଓଡ଼ଗାଁ ଥାନା ବନ୍ଧାଭୂଇଁ ଗ୍ରାମରେ ପୈତୃକ ସମ୍ପତ୍ତି ଓ ଘରବାଡ଼ି ଜାଗାକୁ କେନ୍ଦ୍ର କରି ନାରାୟଣ ତାଙ୍କ ୩ ଭାଇଙ୍କ ସହିତ ଗଣ୍ଡଗୋଳ କରୁଥିଲେ। ୧ ଏପ୍ରିଲ୍ ୨୦୧୩ ମସିହା ସକାଳେ ଏହି ଘଟଣା ଉଗ୍ର ରୂପ ନେଇଥିଲା। ଏହି ଘଟଣାକୁ କେନ୍ଦ୍ର କରି ନାରାୟଣଙ୍କ ସହ ତାଙ୍କ ଭାଇବୋହୂ ସୁକାନ୍ତି ସାହୁ ଓ ଅନ୍ୟ ୨ ଭାଇବୋହୂଙ୍କ ସହିତ କଥା କଟାକଟି ହୋଇଥିଲା। ପରେ ନାରାୟଣଙ୍କ ସ୍ତ୍ରୀ ମାନସୀ ଏଥିରେ ସାମିଲ ହୋଇଥିଲେ। ଉଭୟ ସ୍ୱାମୀସ୍ତ୍ରୀ କାଠଧଡ଼ାରେ ୩ ଜଣଙ୍କୁ ପିଟିଥିଲେ। ଦୁଇ ଭାଇବୋହୂ ସାମାନ୍ୟ ଆହତ ହୋଇଥିବା ବେଳେ ସୁକାନ୍ତି ରକ୍ତାକ୍ତ ଅବସ୍ଥାରେ ଅଚେତ ହୋଇପଡ଼ିଥିଲେ। ତାଙ୍କୁ ଓଡ଼ଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇ ଚିକିତ୍ସା କରାଯାଇଥିଲା। ପରେ ଏ ନେଇ ଓଡ଼ଗାଁ ଥାନାରେ ଏକ ମାମଲା ରୁଜୁ କରାଯାଇ ନାରାୟଣ ଓ ମାନସୀଙ୍କୁ ପୋଲିସ ଗିରଫ କରି କୋର୍ଟଚାଲାଣ କରିଥିଲା। ଶୁକ୍ରବାର ମହିଳା ଅଦାଲତର ବିଚାରପତି ପ୍ରଜ୍ୟୋତି ରାଉତ ୧୦ ଜଣ ସାକ୍ଷ୍ୟଙ୍କ ସାକ୍ଷୀଙ୍କୁ ଭିତ୍ତି କରି ଉଭୟ ସ୍ୱାମୀ ସ୍ତ୍ରୀଙ୍କୁ ୩ବର୍ଷ ୫ମାସ କାରାଦଣ୍ଡାଦେଶ ଶୁଣାଣି କରିଥିଲେ। ସେହିଭଳି ଏକ ହଜାର ଟଙ୍କା ଲେଖାଏ ଜରିମାନା ନିର୍ଦ୍ଦେଶ ଦେଇଥିଲେ, ଜରିମାନା ଅନାଦେୟ ହେଲେ ୬ ମାସ ଅଧିକ କାରାଦଣ୍ଡ ଭୋଗ କରିବାକୁ ପଡ଼ିବ। ସରକାରୀ ଓକିଲ ବଳଭଦ୍ର ମହାନ୍ତି ମାମଲା ପରିଚାଳନା କରିଥିଲେ।

# ବଦଳିଲେ ଥାନା ଅଧିକାରୀ

**ନୟାଗଡ଼ ଅଫିସ,୭।୯**

ନୟାଗଡ଼ ଜିଲାରେ କାର୍ଯ୍ୟରତ ଦୁଇ ଥାନା ଅଧିକାରୀଙ୍କ ବଦଳି ହୋଇଛି। ଇଟାମାଟି ଥାନା ଅଧିକାରୀ ସରୋଜ କୁମାର ସାହୁଙ୍କୁ ଯାଜପୁର ଜିଲାକୁ ବଦଳି କରାଯାଇଥିବା ବେଳେ ଟାଉନ ଥାନା ଅଧିକାରୀ ରଶ୍ମିରଞ୍ଜନ ପଟ୍ଟନାୟକଙ୍କୁ ପୁରୀ ଜିଲାକୁ ବଦଳି କରାଯାଇଛି। ପ୍ରକାଶ ଯେ ପୂର୍ବରୁ ଓଡ଼ଗାଁ ଥାନା ଅଧିକାରୀ ଅନିଲ ପ୍ରଧାନଙ୍କୁ କେନ୍ଦୁଝର ଓ ଶରଣକୁଳ ଥାନା ଅଧିକାରୀ ମନୋଜ କୁମାର ଶତପଥୀଙ୍କୁ କଟକକୁ ବଦଳି କରାଯାଇଛି। ଆଗକୁ ସାଧାରଣ ନିର୍ବାଚନ ଥିବାରୁ ଏହି ବଦଳି କରାଯାଉଥିବା ସୂଚନା ମିଳିଛି।

# ୩ ବାଇକ୍ ସହ ଶାଳକାଠ ଜବତ



ଜବତ ବାଇକ୍ ଓ ଶାଳକାଠ।

**ନୂଆଗାଁ,୭।୯ (ଡି.ଏନ.ଏ.)**

ନୟାଗଡ ଜିଲା ନୟାଗଡ଼ ବନଖଣ୍ଡ ମହିପୁର ବନାଞ୍ଚଳ ଅଧୀନ ଗୁମୀ ଫରେଷ୍ଟ ସେକ୍ସନ ଅଞ୍ଚଳରେ ଶୁକ୍ରବାର ବନ କର୍ମଚାରୀ ଚଢାଉ କରି ୩ ବାଇକ୍ ସହ ଶାଳକାଠ ଜବତ କରିଛନ୍ତି। ଏଥିରେ ସମ୍ପୃକ୍ତ କାଠ ଚୋରମାନେ ଫେରାର ହୋଇଯାଇଛନ୍ତି।ଜବତ ବାଇକ୍‌ଗୁଡିକ ହେଲା ଓଆର ୨୫-୬୯୫୨, ଓଆର ୦୨ଏସ-୨୮୩୫ ଓ ଓଆର୦୨ଆର-୮୨୯୩। ଗୁମୀ ସେକ୍ସନ ଅଧୀନରେ ଥିବା ଜଙ୍ଗଲ ମଧ୍ୟରୁ ବାରମ୍ବାର କାଠ ଚୋରି ନେଇ ଅଭିଯୋଗ ହୋଇଆସୁଥିଲା। ଗତ ରାତିରେ କାଠ ଚାଲାଣ ହେଉଥିବା ବିଶେଷ ସୂତ୍ରରୁ ଖବର ପାଇ ଗୁମୀ ଫରେଷ୍ଟର ପ୍ରଫୁଲ୍ଲ କୁମାର ନାୟକ ଓ କର୍ମଚାରୀ ଚଢାଉ କରିଥିଲେ। ରାତି ପ୍ରାୟ ସାଢେ ୧୨ଟାରେ କାଠ ଚୋରମାନେ ବନ କର୍ମଚାରୀଙ୍କ ଗାଡି ଲାଇଟ୍ ଦେଖି ଭୟରେ ନୂଆଗାଁ-ବାହାଡାଝୋଲା ରାସ୍ତାର ସଲପଡିହ ନିକଟରେ କାଠ ବୋଝେଇ ବାଇକ୍‌ଗୁଡିକ ଛାଡି ଫେରାର ହୋଇଯାଇଥିଲେ। ପରେ ବନ କର୍ମଚାରୀ ସେଠାରୁ ବାଇକ୍ ସହ ଶାଳକାଠ ଜବତ କରି ମହିପୁର ବନାଞ୍ଚଳ କାର୍ଯ୍ୟାଳୟକୁ ଆଣିଥିଲେ। ଜବତ କାଠର ଆନୁମାନିକ ମୂଲ୍ୟ ଦଶ ହଜାରରୁ ଅଧିକ ହେବ ବୋଲି ଫରେଷ୍ଟର ନାୟକ ସୂଚନା ଦେଇଛନ୍ତି। ଏ ନେଇ ବନ ବିଭାଗ ତରଫରୁ କେସ ନଂ.୧୪, ୧୫, ୧୬/୧୮ରେ ମାମଲା ରୁଜୁ କରାଯାଇ ତଦନ୍ତ କରାଯାଉଛି।

# ବ୍ଲକସ୍ତରୀୟ ଭିନ୍ନକ୍ଷମ ସାମର୍ଥ୍ୟ ଅଭିଯାନ

**ଓଡ଼ଗାଁ, ୭।୯(ସ୍ୱ.ପ୍ର.)**

ରାଜ୍ୟ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଓ ଓଡ଼ଗାଁ ବ୍ଲକ ପ୍ରଶାସନ ଆନୁକୂଲ୍ୟରେ ଶୁକ୍ରବାର ସ୍ଥାନୀୟ ରଘୁନାଥ ବିଦ୍ୟାପୀଠ ପରିସରରେ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଅଭିଯାନ-୨୦୧୮ ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରରେ ସମୁଦାୟ ୨୫୧ ଦିବ୍ୟାଙ୍ଗ ନୂତନ ପ୍ରମାଣ ପତ୍ର ନିମନ୍ତେ ପଞ୍ଜିକରଣ କରିଥିଲେ। ସେଥିମଧ୍ୟରୁ ୨୦ ଦୃଷ୍ଟିହୀନ, ୪୫ ଭେଷଜ ଓ ମାନସିକ ଅନଗ୍ରସର, ୪୩ ଶ୍ରବଣ ଓ ବାକ୍ ବାଧିତଙ୍କୁ ପରୀକ୍ଷା କରାଯାଇଥିଲା । ସେହିପରି ୫୨ ଜଣ ଦିବ୍ୟାଙ୍ଗ ବସ ପାସ, ୩୫ ଜଣଙ୍କୁ ଟ୍ରେନ ପାସ, ୨୦ ଜଣ ଦିବ୍ୟାଙ୍ଗ ଡିଆରଆଇ ଲୋନ ଏବଂ ୭ ଜଣ ଦିବ୍ୟାଙ୍ଗ ଧନ୍ଦାମୂଳକ ତାଲିମ ନିମନ୍ତେ ଆବଦେନ କରିଥିଲେ । ଚକ୍ଷୁ ବିଶେଷଜ୍ଞ ଡା ପିପି ସାହୁ, ଅସ୍ଥି ଶଲ୍ୟ ବିଶେଷଜ୍ଞ ଡା ଅଜୟ କୁମାର ସାହୁ, ମାନସିକ ଅନଗ୍ରସର ତଥା ଭେଷଜ ବିଶଶେଜ୍ଞ ଡା ସିଦ୍ଧାର୍ଥ ଦାଶ ଓ ଅଡିଓଲୋଜିଷ୍ଟ ଲକ୍ଷ୍ମିପ୍ରିୟା ମଲ୍ଲିକ ସମସ୍ତଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ରାଜସ୍ୱିନୀ ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ୪ ଚୋରା ଗାଡ଼ି ଜବତ: ୩ ଜଣଙ୍କୁ କୋର୍ଟ ଚାଲାଣ

**ଭାପୁର,୭।୯(ଡି.ଏନ.ଏ.)**

ଫତେଗଡ ଥାନା ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢାଉ କରାଯାଇ ୪ଟି ଚୋରା ଗାଡି ଜବତ କରାଯାଇଛି। ଏଥିରେ ସମ୍ପୃକ୍ତ ୩ଜଣଙ୍କୁ ଗିରଫ କରାଯାଇଛି। ଗାଡ଼ି ଚୋରି କରି ବିକ୍ରି କରୁଥିବା ଅଭିଯୋଗରେ ଜଣେ ଓ ଚୋରା ଗାଡ଼ି କିଣିଥିବା ୨ ଜଣ ଏପରି ମୋଟ ୩ ଜଣଙ୍କୁ ଶୁକ୍ରବାର ସନ୍ଧ୍ୟାରେ କୋର୍ଟ ଚାଲାଣ କରାଯାଇଛି।

ପ୍ରକାଶ ଯେ,ଗୁରୁବାର ରାତିରେ ଫତେଗଡ ପୋଲିସ ପାଟ୍ରୋଲିଂ କରି ଗାଡ଼ି ହେଲମେଟ ଚେକିଂ କରୁଥିଲା। ଏହି ସମୟରେ ଖଣ୍ଡପଡା ଥାନା ନୂଆଗଡ଼ିଆ ସାହି ଗ୍ରାମର କୈଳାସ ମିଶ୍ରଙ୍କୁ ଅଟକାଇ ଗାଡି କାଗଜପତ୍ର ତନଖି ସମୟରେ ଏହା ଚୋରା ଗାଡ଼ି ବୋଲି ଜଣାପଡିଥିଲା। ଉକ୍ତ ଗାଡି ଜବତ କରିବା ସହ କୈଳାସଙ୍କ ବୟାନକୁ ଭିତ୍ତିକରି ବନମାଳିପୁର ଗ୍ରାମରେ ଚଢାଉ କରି ପୋଲିସ କୈଳାସଙ୍କ ଠାରୁ ଚୋରା ଗାଡ଼ି କିଣିଥିବା ବାସୁଦେବ ମହାପାତ୍ର(୩୫) ଓ ସେହି ଗ୍ରାମର ଗୋପିନାଥ ମଲିକଙ୍କ ଘରୁ ୩ଟି ଗାଡ଼ି ଜବତ କରିଥିଲା। ଏହି ଘଟଣାରେ ବାସୁଦେବ, ଗୋପୀନାଥ ଓ କୈଳାସଙ୍କୁ ଗିରଫ କରିଥିବାବେଳେ ଏହି ଗାଡ଼ି ଚୋରିର ମୁଖ୍ୟ ଅଭିଯୁକ୍ତ କୁହାଯାଉଥିବା ପୀତବାସ ନାୟକ ଫେରାର୍ ହୋଇଯାଇଛି। ଉଦ୍ଧାର ହୋଇଥିବା ଗାଡି ମଧ୍ୟରେ ଘିଅ ରଙ୍ଗର ଗୋଟିଏ ଆକ୍‌ଟିଭା ଓ ଘିଅରଙ୍ଗର ଗୋଟିଏ ସ୍କୁଟି ଏବଂ ବ୍ଲୁ ରଙ୍ଗର ଆକ୍ଟିଭା ଓ କଳାରଙ୍ଗର ଟିଭିଏସ୍ ଏକ୍ସଏଲ୍ ମୋପେଡ। ଏହି ଗାଡ଼ି ଗୁଡିକ ଚୋରି କରିବା ଓ ଚୋରା ଗାଡ଼ି କିଣିବା ଅଭିଯୋଗରେ ଫତେଗଡ ଥାନାରେ ୧୭୦/୧୮ରେ ମାମଲା ରୁଜୁ କରି ପୋଲିସ ଅଭିଯୁକ୍ତ କୈଳାସ, ବାସୁଦେବ(୩୫)ଓ ଗୋପିନାଥ(୫୦)ଙ୍କୁ ଶୁକ୍ରବାର ସନ୍ଧ୍ୟାରେ ଖଣ୍ଡପଡା କୋର୍ଟକୁ ଚାଲାଣ କରାଯାଇଛି।





ଜବତ ହୋଇଥିବା ଗାଡ଼ି।

# ଆଇନ ସହାୟତା କେନ୍ଦ୍ର ଉଦ୍‌ଘାଟିତ

**ନୟାଗଡ଼ ଅଫିସ,୭।୯**

ରାଜ୍ୟ ଆଇନ ସେବା ପ୍ରାଧିକରଣଙ୍କ ନିର୍ଦ୍ଦେଶମତେ ଜିଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ସ୍ଥାନୀୟ କିଶୋର ନ୍ୟାୟ ପରିଷଦ କାର୍ଯ୍ୟାଳୟ ପରିସରରେ ଶୁକ୍ରବାର ଆଇନ ସହାୟତା କେନ୍ଦ୍ର ଉଦ୍‌ଘାଟିତ ହୋଇଯାଇଛି। ଜିଲା ଓ ଦୌରାଜଜ୍ ଅଶାନ୍ତ କୁମାର ଦାସ ଏହାକୁ ଉଦ୍‌ଘାଟନ କରି ଏହି କେନ୍ଦ୍ରରେ ଅପରାଧରେ ଜଡ଼ିତ ଥିବା ନାବାଳିକା ନାବଳକମାନେ ଆଇନଗତ ସେବା, ସାହାଯ୍ୟ ଓ ପରାମର୍ଶ ପାଇବା ଦିଗରେ ଏହା କାର୍ଯ୍ୟ କରିବ ବୋଲି ସୂଚନା ଦେଇଥିଲେ । ସେହିଭଳି ଯେଉଁ ବାଳ ଅପରାଧମାନେ ଗିରଫ ସମୟରେ ଅର୍ଥାଭାବରୁ ଓକିଲ ନିଯୁକ୍ତି ପରିନାରୁନାହାନ୍ତି ସେମାନଙ୍କୁ ବିନା ମୂଲ୍ୟରେ ପ୍ରାଧିକରଣ ପକ୍ଷରୁ ତାଲିମପ୍ରାପ୍ତ ଆଇନଜୀବୀ ସେମାନଙ୍କ ମକଦ୍ଦମା ପରିଚାଳନା କରିବେ ବୋଲି ମଧ ପ୍ରକାଶ କରିଥିଲେ । ଅନ୍ୟମାନଙ୍କ ମଧରେ ଆଇନ୍ ସେବା ପ୍ରାଧିକରଣ ସଚିବ ସୁନୀତା ଖଣ୍ଡେଲୱାଲା, ପରିବାର ଅଦାଲତ ଜଜ୍ ରାଜେଶ ଏକ୍କା, ରେଜିଷ୍ଟ୍ରାର ତଥା କିଶୋର ନ୍ୟାୟ ପରିଷଦର ଅଧକ୍ଷ ନରୋତ୍ତମ ସେଠୀ, ମହିଳା ବିଚାରପତି ପ୍ରଜ୍ୟୋତି ରାଉତ , ସବ୍‌ଜଜ ମୁଶାରତ ଜାହିନ , ବାର ଆସୋସିଏଶନର ସଭାପତି ଅମୀୟ କୁମାର ପଟ୍ଟନାୟକ, କୋଷାଧକ୍ଷ କାଳୁଚରଣ ସ୍ୱାଇଁ , କୋର୍ଟ ମ୍ୟାନେଜର ସଂଗ୍ରାମୀ କେଶରୀ ଜେନା ପ୍ରମୁଖ ଉପସ୍ଥିତ ଥିଲେ।





ଉଦ୍‌ଘାଟନ ସମୟରେ ଉପସ୍ଥିତ ଅତିଥିମାନେ।

# ନୀଳମାଧବ ମହାବିଦ୍ୟାଳୟରେ ନାକ୍ ଟିମ୍

**ଖଣ୍ଡପଡା,୭।୯(ସ୍ୱ.ପ୍ର.)**

ଖଣ୍ଡପଡା ନିର୍ବାଚନମଣ୍ଡଳୀର ଏକ ଅଗ୍ରଣୀ ଶିକ୍ଷାନୁଷ୍ଠାନ ଭାବେ ପରିଚିତ କଣ୍ଟିଲୋର ନୀଳମାଧବ ମହାବିଦ୍ୟାଳୟ। ଦୁଇଦିନିଆ ଗସ୍ତ କ୍ରମରେ ଶୁକ୍ରବାର ନାକ୍ (ନ୍ୟାସନାଲ ଆସେସ୍‌ମେଣ୍ଟ ଆଣ୍ଡ ଆକ୍ରେଡେସନ କାଉନ୍‌ସିଲ)ର ୩ଜଣିଆ ଟିମ୍ ଏଠାରେ ପହଞ୍ଚିବା ପରେ କଲେଜ ପକ୍ଷରୁ ସେମାନଙ୍କୁ ଭବ୍ୟ ସମ୍ବର୍ଦ୍ଧନା ଦିଆଯାଇଥିଲା। ମହାବିଦ୍ୟାଳୟର ରେଡ଼କ୍ରସ, ରୋଭର ରେଞ୍ଜର, ଏନ୍ଏସ୍ଏସ୍ ଓ ଏନ୍‌ସିସିର ଛାତ୍ରୀଛାତ୍ର, ଆଲୁମିନର ସଦସ୍ୟାସଦସ୍ୟଙ୍କ ସହିତ ଶତାଧିକ ଛାତ୍ରୀଛାତ୍ର, କଲେଜ ଶିକ୍ଷକ, ଅଣଶିକ୍ଷକ, ଗଭର୍ନିଂ ବଡିର ସଭ୍ୟାସଭ୍ୟ ସେମାନଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ କରି କଲେଜକୁ ପାଛୋଟି ନେଇଥିଲେ। ରାୟପୁରସ୍ଥିତ ରବିଶଙ୍କର ଶୁକ୍ଳା ୟୁନିଭର୍ସିଟିର ପୂର୍ବତନ କୁଳପତି ପ୍ରଫେସର ଶିଓ କୁମାର ପାଣ୍ଡେଙ୍କ ଅଧ୍ୟକ୍ଷତାରେ ଆସିଥିବା ବାଙ୍ଗାଲୋର ବେଲଗାଓଁ ବିଶ୍ୱେସରାୟ ବିଶ୍ୱବିଦ୍ୟାଳୟ ଉପଦେଷ୍ଟା ଡ. ପି.ଭି. କୁନୁର ଓ ପଣ୍ଡିଚେରୀସ୍ଥିତ ଟାଗୋର ସରକାରୀ କଳା ଓ ବିଜ୍ଞାନ ମହାବିଦ୍ୟାଳୟର ଅଧକ୍ଷ ଡ. ଶଶୀକାନ୍ତ ଦାଶ ପ୍ରମୁଖ କଲେଜ ପ୍ରତିଷ୍ଠାତା ସ୍ୱର୍ଗତ ସତ୍ୟସୁନ୍ଦର ମିଶ୍ରଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ପୁରାତନ ଛାତ୍ର ତଥା ତିରୁପତି କେନ୍ଦ୍ରୀୟ ସଂସ୍କୃତ ବିଶ୍ୱ ବିଦ୍ୟାଳୟର ଅଧାପକ ଡ. ଭାରତ ଭୁଷଣ ରଥ ବେଦପାଠ କରିଥିଲେ । ଟିମ୍ ସଦସ୍ୟମାନେ କଲେଜ ଅଧକ୍ଷ ସୁକାନ୍ତ କୁମାର ନାୟକ ଓ ଆଇକ୍ୟୁଏସି ସଂଯୋଜକ ଡ. ପବିତ୍ର କୁମାର ସୁବୁଦ୍ଧିଙ୍କ ସହ କଲେଜ ବିଷୟରେ ଆଲୋଚନା କରିବା ପରେ କଲେଜର ୧୩ଟି ଡ଼ିପାର୍ଟମେଣ୍ଟ ପରିଦର୍ଶନ କରି ସମ୍ପୃକ୍ତ ଶ୍ରେଣୀର ଶିକ୍ଷାଦାନ ସମ୍ପର୍କରେ ଛାତ୍ରୀଛାତ୍ରଙ୍କଠାରୁ ପଚାରି ବୁଝିଥିଲେ। ଲାଙ୍ଗୁଏଜ ଲାବ୍, କଲେଜ ଲାଇବ୍ରେରୀ ପରିଦର୍ଶନ କରିବା ପରେ ପୁରାତନ ଛାତ୍ରସଂସଦର ପ୍ରତିନିଧି ଓ ପରିଚାଳନା କମିଟିର ସଦସ୍ୟାସଦସ୍ୟଙ୍କ ସହ ମହାବିଦ୍ୟାଳୟ ଭିତ୍ତିଭୂମି ଓ ଶୈକ୍ଷିକ ବାତାବରଣ ଉପରେ ଆଲୋଚନା କରିଥିଲେ । ଗ୍ରାମାଞ୍ଚଳରେ ପ୍ରତିଷ୍ଠିତ ଏପରି ଏକ ମହାବିଦ୍ୟାଳୟର ପରିବେଶ, ଶୈକ୍ଷିକ ବାତାବରଣ କଲେଜ ବିକାଶରେ ନିଶ୍ଚିତ ସହାୟକ ହେବ ବୋଲି ମତପୋଷଣ କରିଥିଲେ। ପରିଶେଷରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ସହିତ ବିଶିଷ୍ଟ କଣ୍ଠଶିଳ୍ପୀ ଭିକାରୀ ମହମ୍ମଦ ଓ ପ୍ରାଣକୃଷ୍ଣ ମହାରଣା ଭଜନ ପରିବେଷଣ କରିଥିଲେ।



କଲେଜ ପରିସରରେ ନାକ୍‌ଟିମ୍ ସଦସ୍ୟଙ୍କ ସହ କଲେଜ ଅଧାପକ।

**କଲେଜ ପକ୍ଷରୁ ଭବ୍ୟ ସମ୍ବର୍ଦ୍ଧନା**